www.nirbhaysuchana.com
nirbhaysuchanaepaper.com
www.twitter.com/NirbhaySuchana
www.facebook.com/Nirbhaysuchana

NIRBHAY SUCHANA

# ନିର୍ଭୟ ସୂଚନା

RNI No. ODIODI/2015/65606
Postal RegNo.-CK(N)/22/2021-2023

Vol.No.-12, Issue- 28 Tuesday 29 September, 2026, JAJPUR , Page-8, Rs. 5/- | ବର୍ଷ-୧୨, ସଂଖ୍ୟା-୨୮ ମଙ୍ଗଳବାର, ୨୯ ସେପ୍ଟେମ୍ବର, ୨୦୨୬, ଯାଜପୁର, ପୃଷ୍ଠା-୮, ମୂଲ୍ୟ-୫ଟଙ୍କା



ଓଁ ଗୌରୀପରଂ ମଦନମନ୍ଦିରା ସୌମ୍ୟାଷ୍ଟମ୍
ଲାଙ୍ଗୁଳାଶୂଳାପରୀମଣ୍ଡିତା ହସ୍ତଯୁଗାଂ
ବ୍ରହ୍ମେନ୍ଦ୍ରରୁଦ୍ର ଗଣବନ୍ଦିତା ପାଦପଦ୍ମଂ
ନିତ୍ୟମ୍ ଭଜାମୀ ବିରଜାମ୍ ବିଗାତନୁରଗମ୍

## ଆସନ୍ତା ୧ରେ ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ମହାନଦୀ ବୈଠକ

### ଓଡ଼ିଶା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବୈଠକରେ ଦେବେ ଯୋଗ

ନୂଆଦିଲ୍ଲୀ ୨୮/୯ :ମହାନଦୀ ଜଳ ବିବାଦ ସମାଧାନ ନେଇ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି। ଅକ୍ଟୋବର ୧ରେ ମହାନଦୀ ଜଳ ବିବାଦ ପ୍ରସଙ୍ଗରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ବୈଠକ ହେବ । ଏନେଇ ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ସୂଚନାଥାଉକି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏଙ୍କ ଓଡ଼ିଶା ଗସ୍ତ ସରିବାର ୧୦ ଦିନ ପରେ ପୁଣି ଥରେ ଏକାଠି ହେବେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ । ସେପ୍ଟେମ୍ବର ୨୦ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାଏ ଓଡ଼ିଶା ଆସିଥିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଆଲୋଚନା କରିଥିଲେ। ଛତିଶଗଡ଼ ସିଏମ୍ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, "ମହାନଦୀ ଜଳ ନେଇ ବିବାଦ ନାହିଁ କିମ୍ବା ସମସ୍ୟା ନାହିଁ । ଶୀଘ୍ର ଏହି ସମସ୍ୟାର ସମାଧାନ ହେବ । ଦୁଇ ରାଜ୍ୟରେ ବିଜେପି



ଏବଂ କେନ୍ଦ୍ରରେ ବିଜେପି ସରକାର ଅଛି ତେଣୁ କୌଣସି ବିବାଦୀୟ ସ୍ଥିତି ନାହିଁ । ମହାନଦୀକୁ ନେଇ ଦୁଇ ମୁଖ୍ୟମନ୍ତ୍ରୀ ଏବଂ ଅଧିକାରୀମାନେ ଦିଲ୍ଲୀରେ ଆଲୋଚନା କରିସାରିଛୁ । ସେଠାରେ ଆମେ ଦୁଇ ମୁଖ୍ୟମନ୍ତ୍ରୀ ସିଡବ୍ଲୁସିକୁ ସହମତି ଦେଇ ଦେଇଛୁ, ଦୁଇ ରାଜ୍ୟ ପାଇଁ ଯାହା ହିତକର ହେବ ମାନିବୁ ।

ଏଜି ପୀତାମ୍ବର କହିଛନ୍ତି, ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଣ୍ଟ୍ରାଲ୍ ୱାଟର୍ କମିଶନର ସଚିବ ମହାନଦୀ ଟ୍ରିବ୍ୟୁନାଲକୁ ବିଗତ ଦୁଇଟି ବୈଠକର ବିବରଣୀ ପ୍ରଦାନ କରିଛନ୍ତି । କେନ୍ଦ୍ର ଗୃହମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କର ମିଟିଂ ହେବ । ମହାନଦୀ ଜଳ ବିବାଦକୁ ନେଇ ଆପୋସ ବୁଝାମଣାରେ ସମାଧାନର ବାଟ ବାହାରୁଛି ।

## ସମୟ ପୂର୍ବରୁ ମୌସୁମୀ ଅଧିବେଶନ ଶେଷ

### ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭା ମୁଲତବୀ

ଭୁବନେଶ୍ୱର,୨୮।୯(ନି.ସୂ) : ସମୟ ପୂର୍ବରୁ ସରିଲା ବିଧାନସଭାର ମୌସୁମୀ ଅଧିବେଶନ । ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଧାନସଭା ମୁଲତବୀ ରଖିଛନ୍ତି ବାଚସ୍ପତି ସୁରମା ପାଢୀ। ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଗୃହ ଚାଲିବାର ଥିଲା। ୪ କାର୍ଯ୍ୟଦିବସ ଥାଇ ଗୃହ ମୁଲତବୀ ଘୋଷଣା କରିଛନ୍ତି। ରାଜ୍ୟରେ ବନ୍ୟା ସ୍ଥିତିକୁ ଦେଖି ମୁଲତବୀ ପ୍ରସ୍ତାବ ସରକାରୀ ଦଳ ମୁଖ୍ୟ ସଚେତକ ଆଣିଥିଲେ । ହଟ୍ଟଗୋଳରେ ମାତ୍ର ୫ ଦିନ ଚାଲିଲା ଗୃହ। ସେପ୍ଟେମ୍ବର ୨୨ରୁ ବିଧାନସଭା ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିଲା। ଏହା ଅକ୍ଟୋବର ୩ ତାରିଖରେ ଶେଷ ହୋଇଥାନ୍ତା। ଅଧିବେଶନର ପ୍ରଥମ ଦିନରୁ ହିଁ ଏମ୍ଏମଡିଆର୍ ସଂଶୋଧନ ଆଇନକୁ ନେଇ ବିରୋଧୀ ଦଳଗୁଡ଼ିକର ହଟ୍ଟଗୋଳ ଆରମ୍ଭ କରିଥିଲେ । ଫଳରେ ବାରମ୍ବାର ଗୃହ ମୁଲତବୀ ରହିଥିଲା । ଏପରିକି ପୋଷ୍ଟର ଓ ପ୍ଲାକାର୍ଡ ଧରି ଗୃହର ମଧ୍ୟଭାଗକୁ ଆସି ବିରୋଧୀ ହଟ୍ଟଗୋଳ କରିଥିଲେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅଧିବେଶନର ପଞ୍ଚମ କାର୍ଯ୍ୟଦିବସରେ ମଧ ଏମଏମଡିଆର ଆଇନକୁ ନେଇ ବିରୋଧୀଙ୍କ ହଙ୍ଗାମା ଜାରି ରହିଥିଲା । ଗୃହ ଆରମ୍ଭ ହେବାର କିଛି ସମୟ ମଧ୍ୟରେ ବାଚସ୍ପତି ଗୃହକୁ ମୁଲତବୀ କରିଥିଲେ । ରାଜ୍ୟରେ ଜାରି ଥିବା ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ସରକାରୀ ଦଳର ମୁଖ୍ୟ ସଚେତକଙ୍କ ପକ୍ଷରୁ ମୁଲତବି ପ୍ରସ୍ତାବ ଆଣାଯାଇଥିଲା। ୯ ଦିନିଆ ମୌସୁମୀ ଅଧିବେଶନରେ ମାତ୍ର ୫ଟି କାର୍ଯ୍ୟଦିବସରେ ବିଧାନସଭା ବସିପାରିଥିଲା ।



## ୟୁପିଆଇ ପେମେଣ୍ଟ ନେଇ କେନ୍ଦ୍ର ଏବଂ ଆରବିଆଇ ଠାରୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ୨୮/୯ : ୟୁପିଆଇକୁ ନେଇ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ମତାମତ ଦେଇଛନ୍ତି। ଲକ୍ଷ ଲକ୍ଷ ଡିଜିଟାଲ୍ ବ୍ୟବହାରକାରୀ ଏବଂ ବ୍ୟବସାୟୀଙ୍କ ସହିତ ଜଡିତ ଏକ ପ୍ରମୁଖ ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମତାମତ ଗ୍ରହଣ କରିଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କ ୨,୦୦୦ ରୁ ଅଧିକ ମୂଲ୍ୟର ୟୁପିଆଇ ବାଣିଜ୍ୟ ପେମେଣ୍ଟ ଉପରେ ୦.୪% ବାଣିଜ୍ୟ ରିହାତି ହାର (ଏମଡିଆର) ଲାଗୁ କରିବାର ନିଷ୍ପତ୍ତି ଉପରେ ଅନ୍ତରୀଣ ସ୍ଥଗିତାଦେଶ ଦେବାକୁ ସ୍ପଷ୍ଟ ଭାବରେ ମନା କରି ଦେଇଛନ୍ତି। ସୁପ୍ରିମକୋର୍ଟ କେନ୍ଦ୍ର ସରକାର, ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଭାରତୀୟ ଜାତୀୟ ପେମେଣ୍ଟ କର୍ପୋରେସନ (ଏନପିସିଆଇ)କୁ ନୋଟିସ ଜାରି କରି ଏହି ଶୁଳ୍କର ଆଇନଗତ ଆଧାର କ'ଣ ଏବଂ ଏଥିରୁ ପ୍ରକୃତରେ କିଏ ରୋଜଗାର କରୁଛି ବୋଲି ପଚାରିଛନ୍ତି।



କେନ୍ଦ୍ର ସରକାରଙ୍କ ଦ୍ୱାରା ୨,୦୦୦ ରୁ ଅଧିକ ମୂଲ୍ୟର କିଛି ୟୁପିଆଇ କାରବାର ଉପରେ ଏମଡିଆର ଲାଗୁ କରିବାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ଏକ ଆବେଦନ ସମୟରେ ଏହି ସମସ୍ୟା ଉପୁଜିଥିଲା। ଆବେଦନକାରୀ ନୂତନ ଶୁଳ୍କ ଗଠନ ଉପରେ ତୁରନ୍ତ ସ୍ଥଗିତ ରଖିବାକୁ ଆବେଦନ କରିଥିଲେ। କୋର୍ଟ ସ୍ଥଗିତ ରଖିବାକୁ ମନା କରିଦେଇ ସରକାର ଏବଂ ନିୟାମକ ସଂସ୍ଥାଗୁଡ଼ିକଠାରୁ ସମ୍ପୂର୍ଣ୍ଣ ବିବରଣୀ ତଲବ କରିଥିଲେ। ଡିଜିଟାଲ ପେମେଣ୍ଟ ଇକୋସିଷ୍ଟମରେ ଏହି ଶୁଳ୍କ ପ୍ରଚଳନ କରିବା ପଛରେ କ'ଣ ନିୟମ ଅଛି ଏବଂ ଏହାର ଆର୍ଥିକ ଲାଭ କିଏ ପାଇବ ତାହା କୋର୍ଟ ପଚାରିଥିଲେ।

ନୂତନ ନିୟମ ଅନୁଯାୟୀ, ଅକ୍ଟୋବର ୧୫ ରୁ ୨,୦୦୦ ରୁ ଅଧିକ ମୂଲ୍ୟର ବ୍ୟକ୍ତି-ବ୍ୟବସାୟୀ ( ପିଟୁଏମ ) କାରବାର ଉପରେ ୦.୪% ଏମଡିଆର ଲାଗୁ ହେବାକୁ ସ୍ଥିର ହୋଇଛି। ଏହି ଶୁଳ୍କ ବ୍ୟାଙ୍କ, ପେମେଣ୍ଟ ସେବା ପ୍ରଦାନକାରୀ ଏବଂ ତୃତୀୟ-ପକ୍ଷ ଆପ୍ସର କାର୍ଯ୍ୟ ଏବଂ ବୈଷୟିକ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଉଦ୍ଦିଷ୍ଟ।

ଅର୍ଥ ମନ୍ତ୍ରଣାଳୟ ଏବଂ ଏନପିସିଆଇ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି ଯେ ସାଧାରଣ ଗ୍ରାହକଙ୍କ ମଧ୍ୟରେ ସାଧାରଣ କାରବାର ପିଟୁଏମ ସମ୍ପୂର୍ଣ୍ଣ ମାଗଣା ରହିବ। ଏହି ୦.୪% ଚାର୍ଜ କେବଳ ବଡ଼ ବ୍ୟବସାୟୀ ପେମେଣ୍ଟ (ପିଟୁଏମ) ପାଇଁ ବ୍ୟବସାୟୀଙ୍କ ଉପରେ ଲାଗୁ ହେବ। ବ୍ୟାଙ୍କ ଏବଂ ପ୍ଲାଟଫର୍ମଗୁଡ଼ିକୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ବ୍ୟବସାୟୀମାନଙ୍କୁ ଏହି ଶୁଳ୍କ ଗ୍ରାହକଙ୍କ ଉପରେ ଲଦିବାକୁ ଅନୁମତି ନ ଦିଅନ୍ତୁ, ଏବଂ ଆପ୍ ପ୍ରଦାନକାରୀମାନେ କୌଣସି ଲୁକ୍କାୟିତ ଶୁଳ୍କ କିମ୍ବା ପ୍ଲାଟଫର୍ମ ଫି ଲାଗୁ କରିପାରିବେ ନାହିଁ।

### ତମାଖୁରୁ ରାଜସ୍ୱ ଆଦାୟ

## ୧୦ ବର୍ଷରେ ୭,୩୪୬ କୋଟି

ଭୁବନେଶ୍ୱର ୨୮/୯(ନି.ସୂ): ତମାଖୁ ଓ ତମାଖୁଜାତ ଦ୍ରବ୍ୟରୁ ଗତ ୧୦ ବର୍ଷ ମଧ୍ୟରେ ଓଡ଼ିଶା ରାଜକୋଷକୁ ହଜାର ହଜାର କୋଟି ଟଙ୍କାର ରାଜସ୍ୱ ଆସିଛି। ଏହି ସମୟ ମଧ୍ୟରେ ତମାଖୁଜାତ ଦ୍ରବ୍ୟ ଉପରୁ ସରକାର ୭ ହଜାର ୩୪୬ କୋଟି ୩୧ ଲକ୍ଷ ଟଙ୍କା ଟିକସ ଆଦାୟ କରିଛନ୍ତି। ବିଧାନସଭାରେ ଏନେଇ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ରଖିଛନ୍ତି। ସରକାରଙ୍କ ତଥ୍ୟ ଅନୁସାରେ, ବିଭିନ୍ନ ରାଜ୍ୟରୁ ଓଡ଼ିଶାକୁ ପାନ ମସଲା, ଗୁଟଖା ଓ ସିଗାରେଟ ସମେତ ବିଭିନ୍ନ ତମାଖୁଜାତ ଦ୍ରବ୍ୟ ଆସୁଛି। ଗତ ୧୦ ବର୍ଷରେ ଦେଶର ୧୯ଟି ରାଜ୍ୟରୁ ୧୧ ହଜାର ୨୦୫ କୋଟି ୬୨ ଲକ୍ଷ ଟଙ୍କାର ତମାଖୁଜାତ ଦ୍ରବ୍ୟ ଓଡ଼ିଶାକୁ ଆସିଥିବା ତଥ୍ୟରୁ ଜଣାପଡ଼ିଛି। ଏହି ତାଲିକାରେ ପଶ୍ଚିମବଙ୍ଗ ଆଗରେ ରହିଛି। ପଶ୍ଚିମବଙ୍ଗରୁ ଓଡ଼ିଶାକୁ ପ୍ରାୟ ୬୬୮ କୋଟି ଟଙ୍କାର ଗୁଟଖା ଓ ପାନ ମସଲା ଆସିଥିବା ଜଣାପଡ଼ିଛି।

## ରାଜ୍ୟରେ ନିଖୋଜ ହୋଇଛନ୍ତି ୧୯ ହଜାର ମହିଳା ଓ ଶିଶୁ

ଭୁବନେଶ୍ୱର ୨୯/୯ (ନି.ସୂ): ରାଜ୍ୟରେ ନିଖୋଜ ହୋଇଛନ୍ତି ୧୯ ହଜାର ମହିଳା ଓ ଶିଶୁ। ଏ ଏଭଳି ଏକ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ଦୁଇ ବର୍ଷର ଅବଧିକୁ ନେଇ ପ୍ରସ୍ତୁତ ସରକାରୀ ତଥ୍ୟ ଅନୁଯାୟୀ, ହଜାର ହଜାର ନିଖୋଜ ମାମଲାର ସମାଧାନ ହୋଇପାରିନାହିଁ, ଯାହା ନାଗରିକ ସମାଜ ଓ ଆଇନ ପ୍ରଣୟନକାରୀ ସଂସ୍ଥା ମଧ୍ୟରେ ନୂତନ ଚିନ୍ତା ସୃଷ୍ଟି କରିଛି। ତଥ୍ୟ ଅନୁଯାୟୀ, ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୪୫,୭୯୬ ଜଣ ମହିଳା ନିଖୋଜ ହୋଇଥିବା ରିପୋର୍ଟ କରାଯାଇଥିଲା। ପୋଲିସ ଓ ଉଦ୍ଧାରକାରୀ ସଂସ୍ଥା ସଫଳତାର ସହ ସେମାନଙ୍କ ମଧ୍ୟରୁ ୩୦,୧୭୧ ଜଣଙ୍କୁ ଠାବ କରି ଉଦ୍ଧାର କରିଥିବାବେଳେ ପ୍ରାୟ ୧୫,୦୦୦ ମହିଳାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ।

## ହୀରାକୁଦର ୩୦ ଗେଟ୍‌ରେ ପାଣି ନିଷ୍କାସନ

ସମ୍ବଲପୁର,୨୮।୯ (ନି.ସୂ): ହୀରାକୁଦ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ହଠାତ୍ ୬ ଲକ୍ଷ ଘନଫୁଟ୍‌ରୁ ଉର୍ଦ୍ଧ୍ୱରେ ପହଞ୍ଚିବା ପରେ ସୋମବାର ପୁଣି ୨ଟି ସ୍ଲୁଇସ୍ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ବର୍ତ୍ତମାନ ହୀରାକୁଦ ଜଳଭଣ୍ଡାରରୁ ବାମ ପାର୍ଶ୍ୱର ୨୦ ଓ ଦକ୍ଷିଣ ପାର୍ଶ୍ୱର ୧୦ ମିଶି ଚଳିତଋତୁରୁ ସର୍ବାଧିକ ୩୦ ସ୍ଲୁଇସ୍ ଗେଟ୍ ଖୋଲାଯାଇ ମହାନଦୀକୁ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିୟନ୍ତ୍ରଣ କକ୍ଷ ସୂତ୍ରରୁ ପ୍ରାପ୍ତ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଜଳଭଣ୍ଡାର ଉପରମୁଣ୍ଡରେ ଆଦୌ ବର୍ଷା ରେକର୍ଡ ହୋଇ ନ ଥିବାବେଳେ ତଳମୁଣ୍ଡରେ ୦.୨୭ ମିମି ବର୍ଷା ରେକର୍ଡ ହୋଇଛି। ମାତ୍ର ପୂର୍ବରୁ ଛତିଶଗଡ଼ ରାଜ୍ୟରେ ହୋଇଥିବା ବର୍ଷା ଯୋଗୁ ବିଭିନ୍ନ ଜଳଭଣ୍ଡାରରେ ଗଚ୍ଛିତ ମାତ୍ରାଧିକ ଜଳକୁ ମହାନଦୀକୁ ନିଷ୍କାସନ କରାଯାଉଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଏକକାଳୀନ ପ୍ରତି ସେକେଣ୍ଡରେ ଜଳ ପ୍ରବେଶ ପରିମାଣ ୬ ଲକ୍ଷ ଟପିଥିଲା। ମାତ୍ର ଏହା ସନ୍ଧ୍ୟା ସୁଦ୍ଧା କ୍ରମଶଃ ହ୍ରାସ ପାଇବାରେ ଲାଗିଛି।

ସୋମବାର ମଧ୍ୟାହ୍ନ ୧୨ଟା ୩୦ରେ ହୀରାକୁଦ ଜଳଭଣ୍ଡାର ମଧ୍ୟକୁ ବନ୍ୟାଜଳ ପ୍ରବେଶ ପରିମାଣ ସେକେଣ୍ଡ ପ୍ରତି ୬ ଲକ୍ଷ ୩୦ ହଜାର ୬୦୫ ଘନଫୁଟ୍‌ରେ ପହଞ୍ଚିଥିଲା। ଫଳରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ୬୨୯ ଫୁଟ୍ ଟପିଥିଲା। ତେବେ ହୀରାକୁଦ ବନ୍ଧ ନିୟନ୍ତ୍ରଣ କକ୍ଷ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ସୋମବାର ସନ୍ଧ୍ୟା ୬ ଟା ୩୦ରେ



ପ୍ରାପ୍ତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇ ୬୨୯.୬୯ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ପ୍ରତି ସେକେଣ୍ଡରେ ହାରାହାରି ୫ ଲକ୍ଷ ୮୬ ହଜାର ୯୯୨ ଘନଫୁଟ୍‌କୁ ହ୍ରାସ ପାଇଛି। ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୫ ଲକ୍ଷ ୨୯ ହଜାର ୧୧୮ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୩୦ଟି ସ୍ଲୁଇସ୍ ଗେଟ୍ ଜରିଆରେ ୪ ଲକ୍ଷ ୯୨ ହଜାର ୩୬୦ ଘନଫୁଟ ଏବଂ ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୨,୨୭୨ ଘନଫୁଟ, ବରଗଡ଼ କେନାଲରେ ୩,୬୬୧ ଘନଫୁଟ, ଶାସନ କେନାଲରେ ୫୦୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୫ ଓ ଶିଳ୍ପଭିତ୍ତିକ ବ୍ୟବହାର ପାଇଁ ୨୨୧ ଘନଫୁଟ ଜଳ ନିଷ୍କାସିତ ହେଉଛି। ମହାନଦୀ ତଳମୁଣ୍ଡରେ ସେକେଣ୍ଡ ପ୍ରତି ହାରାହାରି ବେଲଗାଁରେ ୪୫,୮୦୦ ଘନଫୁଟ୍, ପଥଲରାରେ ୯୯,୩୪୦ ଘନଫୁଟ୍, ଖଇରମାଲ୍‌ରେ ୬ ଲକ୍ଷ ୫୪ ହଜାର ଘନଫୁଟ୍, ବାରମୂଲ୍‌ରେ ୬ ଲକ୍ଷ ୨୮ ହଜାର ଘନଫୁଟ୍ ଓ ମୁଣ୍ଡଳୀରେ ହାରାହାରି ମୋଟ ୭ ଲକ୍ଷ ୮୩ ହଜାର ୭୭୦ ଘନଫୁଟ୍ ବନ୍ୟାଜଳ ନିଷ୍କାସିତ ହେଉଥିବା ସୂଚନା ମିଳିଛି।

## ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରସ୍ତାବ ପାରିତ

ନୂଆଦିଲ୍ଲୀ ୨୮/୯: ଜମ୍ମୁ-କଶ୍ମୀରକୁ ନେଇ ସୋମବାର ଆସିଛି ବଡ ଖବର। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ପ୍ରସ୍ତାବ ବିଧାନସଭାରେ ପାରିତ ହୋଇଛି। ବିଧାନସଭାରେ ଜମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରି ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରସ୍ତାବ ଉପରେ ଆଲୋଚନା ସମୟରେ ବିରୋଧୀ ଦଳ ପ୍ରବଳ ହଟ୍ଟଗୋଳ ସୃଷ୍ଟି କରିଥିଲେ, ଯାହା ଫଳରେ ଗୃହରେ ପ୍ରବଳ ବିତର୍କ ହୋଇଥିଲା।

ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଶୁକ୍ରବାର ଏହି ପ୍ରସ୍ତାବ ଆଗତ କରିଥିଲେ। ପ୍ରସ୍ତାବରେ କୁହାଯାଇଥିଲା ଯେ ଗୃହ ଭାରତ ସରକାର ତୁରନ୍ତ ଜମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଫେରାଇ ଆଣିବାକୁ ଦାବି କରୁଛି ଏବଂ ଏହାକୁ ଭାରତ ସରକାରଙ୍କୁ ପଠାଇବାକୁ ସଂକଳ୍ପ କରୁଛି।

ପ୍ରସ୍ତାବ ଉପରେ ଭୋଟିଂ ଚାଲିଥିବା ସମୟରେ ବିଜେପି ବିଧାୟକମାନେ ଗୃହରୁ ଚାଲିଯାଇଥିଲେ। ପୂର୍ବରୁ ଗୃହରେ ପ୍ରସ୍ତାବ ଉପରେ ଆଲୋଚନାର ଜବାବ ଦେଇ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଥିଲେ ଯେ



ସେ ପ୍ରଥମ ଦିନରୁ ଜାଣିଥିଲେ ଯେ ବିଜେପି ଏହାକୁ ବିରୋଧ କରିବ। ସେ କହିଥିଲେ ଯେ ବିଜେପି ସଦସ୍ୟମାନେ ଗୃହରେ ହଙ୍ଗାମା କରିବେ ଏବଂ ସ୍ଲୋଗାନ ଦେବେ। ଜମ୍ମୁ-କାଶ୍ମୀର ବିଧାନସଭାରେ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରସଙ୍ଗରେ ଶାସକ ଦଳ ଏବଂ ବିରୋଧୀ ଦଳ ମଧ୍ୟରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ଜମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ ପ୍ରସ୍ତାବ ଗୃହୀତ ହୋଇଥିଲା, ଯାହା ଫଳରେ ଗୃହରୁ ୱାକଆଉଟ୍ ହୋଇଥିଲା। ବିଜେପି ବିଧାୟକ ଏବଂ ବିରୋଧୀ ଦଳ ନେତା ସୁନୀଲ ଶର୍ମା କହିଛନ୍ତି ଯେ ସେ ଜମ୍ମୁ-କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ପ୍ରଦାନ ଉପରେ ଏକ ସକାରାତ୍ମକ ଏବଂ ଗଠନମୂଳକ ଆଲୋଚନା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଧାରା ୩୭୦ କିମ୍ବା ୧୯୫୩ ପୂର୍ବର ସାମ୍ବିଧାନିକ ସ୍ଥିତିର ଉଲ୍ଲେଖ ଭଳି କୌଣସି ପ୍ରସଙ୍ଗକୁ ସାମିଲ କରିବାରେ ବିଜେପି ସମ୍ପୂର୍ଣ୍ଣ ଭାବରେ ଗ୍ରହଣୀୟ ନଥିଲା। ବିଜେପି ଗୃହରେ ଏହି ପ୍ରସଙ୍ଗଗୁଡ଼ିକ ଉପରେ କଡ଼ା ଆପତ୍ତି ପ୍ରକାଶ କରିଥିଲା, ପ୍ରତିବାଦ କରିଥିଲା ଏବଂ ୱାକଆଉଟ୍ କରିଥିଲା।

### 'ଜମ୍ମୁ କାଶ୍ମୀରର ନିଷ୍ପତ୍ତି ଇସଲାମାବାଦରେ ନିଆଯିବ'

ନୂଆଦିଲ୍ଲୀ: ଜମ୍ମୁ ଏବଂ କାଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଦାବି କରିଆସୁଥିବା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ବିଧାନସଭାରେ ଏକ ବିବୃତ୍ତି ଦେଇଛନ୍ତି ଯାହା ଏବେ ରାଜନୈତିକ ମହଲରେ ହଟଚମଟ ସୃଷ୍ଟି କରିଛି । ସେ କହିଛନ୍ତି ଯେ ଯଦି ପୂର୍ଣ୍ଣ ରାଜ୍ୟ ମାନ୍ୟତା ଆତଙ୍କବାଦର ଅନ୍ତ ଉପରେ ନିର୍ଭର କରେ, ତେବେ ନିଷ୍ପତ୍ତି ଦିଲ୍ଲୀ ନୁହେଁ, ପାକିସ୍ତାନ ପାଖରେ ରହିବ । ଓମାର ଅବଦୁଲ୍ଲା କହିଛନ୍ତି, 'ଆମର ପ୍ରସ୍ତାବରେ ସ୍ୱତନ୍ତ୍ର ମାନ୍ୟତା ଏବଂ ଧାରା ୩୭୦ ପୁନଃସ୍ଥାପନ ବିଷୟରେ କୌଣସି ଉଲ୍ଲେଖ ନାହିଁ । ତଥାପି, ବିଜେପି ମୋର କିଛି ସଦସ୍ୟଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଥିଲା, ଯେଉଁମାନେ ରାଜ୍ୟ ମାନ୍ୟତା ପୁନଃସ୍ଥାପନ ପାଇଁ ପ୍ରସ୍ତାବରେ ଏହି ଉପାଦାନ ଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ପାଇଁ ସଂଶୋଧନ ଆଗତ କରିଥିଲେ । ମୁଁ ସମସ୍ତ ସଦସ୍ୟଙ୍କୁ ଅନୁରୋଧ କରୁଛି ଯେ ବିଜେପି ରାଜ୍ୟ ମାନ୍ୟତା ପ୍ରକ୍ରିୟାକୁ ବାଧା ଦେବା ପାଇଁ ବ୍ୟବହାର କରିପାରୁଥିବା ସଂଶୋଧନ ପାଇଁ ଚାପ ନ ପକାନ୍ତୁ ।' ସିଏମ୍ ଅବଦୁଲ୍ଲା ସେ କହିଛନ୍ତି, 'ଯଦି ରାଜ୍ୟ ମାନ୍ୟତା ପୁନରୁଦ୍ଧାର ପାଇଁ ସର୍ତ୍ତ ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀତା ସହିତ ଜଡିତ, ଏବଂ ଏହା କେବଳ ସେତେବେଳେ ପୁନରୁଦ୍ଧାର ହେବ ଯେତେବେଳେ ସମ୍ପୂର୍ଣ୍ଣ ଶାନ୍ତି ରହିବ, ତେବେ ମୁଁ କହିବି ଯେ ରାଜ୍ୟ ମାନ୍ୟତା ପୁନରୁଦ୍ଧାର ନିଷ୍ପତ୍ତି ନୂଆଦିଲ୍ଲୀରେ ନୁହେଁ, ବରଂ ପାକିସ୍ତାନର ଇସଲାମାବାଦରେ ନିଆଯିବ ।'

## ଶେଷ ନିଃଶ୍ୱାସ ଥିବା ଯାଏଁ ଲଢିବେ ନବୀନ



ସତ୍ୟବ୍ରତ ପାତ୍ର

ଭୁବନେଶ୍ୱର,୨୮/୯(ନି. ସୂ.): ଓଡ଼ିଶା ବିରୋଧୀ ଏମଏମଡିଆର (ଏମ୍ଏମ୍ଡିଆର) ସଂଶୋଧିତ ଆଇନ, ୨୦୨୬କୁ ବିରୋଧ କରି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଭୁବନେଶ୍ୱର ଗାନ୍ଧୀ ମାର୍ଗ ସ୍ଥିତ ଲୋୟର ପିଏମଜିରେ ଏକ ବିଶାଳ ଜନଜାଗରଣ ତଥା ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କଳା ଆଇନ ପାରିତ ହେବା ଦିନଠାରୁ ଏହାକୁ ତୀବ୍ର ବିରୋଧ କରି ଆସୁଥିବା ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଜି ସିଧାସଳଖ ରାଜରାସ୍ତାକୁ ଓହ୍ଲାଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଏମଏମଡିଆର ସଂଶୋଧନ ବିଲ୍ କୌଣସି ସାଧାରଣ ବିଲ୍ ନୁହେଁ ବରଂ ଏହା ରାଜ୍ୟର ଅଧିକାର ସହ ସିଧାସଳଖ ଜଡ଼ିତ ବୋଲି



ଦର୍ଶାଇ ନବୀନ ଗର୍ଜନ କରିଛନ୍ତି ଯେ ଓଡ଼ିଶାର ଖଣି ଓ ଜମି ଉପରେ କେବଳ ଓଡ଼ିଶାବାସୀଙ୍କ ମାଲିକାନା ରହିଛି। ସାଢେ ଚାରି କୋଟି ଓଡ଼ିଆଙ୍କ ସ୍ୱାର୍ଥ ଏବଂ ନୂଆ ପିଢ଼ି (ଜେନ-ଜି) ର ଭବିଷ୍ୟତ ସୁରକ୍ଷା ପାଇଁ ବିଜେଡି ଏକାଠି ହୋଇ ଲଢେଇ କରୁଛି ଏବଂ ଓଡ଼ିଶାର ହକ୍ ପାଇଁ ସେ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ଲଢିବେ ବୋଲି ରଣହୁଙ୍କାର ଦେଇଛନ୍ତି।

### ବବି କହିଲେ ଏମ୍ଏମ୍ଡିଆର ନୁହେଁ ମୋଦି - ମନମୋହନ - ଡବଲ ଇଞ୍ଜିନ - ରବରି ଆକ୍ଟ

ବିନା ଆଲୋଚନାରେ ସଂସଦରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଯିବା ଏବଂ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ୨୦ ଜଣ ବିଜେପି ସାଂସଦ ନୀରବ ଦର୍ଶକ ସାଜିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ନବୀନ ସମାଲୋଚନା କରିଛନ୍ତି। ଏହା ବିରୋଧରେ ଏକ ସଂକଳ୍ପ ଆଣିବା ପାଇଁ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଚିଠି ଲେଖିଥିଲେ ସୁଦ୍ଧା ସରକାର କୌଣସି ଉତ୍ତର ରଖିନାହାନ୍ତି। ନବୀନ କ୍ଷୋଭ ପ୍ରକାଶ କରି କହିଛନ୍ତି ଯେ 'ନାହିଁ ନାହିଁ'ର ଏହି ରାଜ୍ୟ ସରକାର କେବଳ 'ବାକ୍ୟବୀର' ସାଜିଛନ୍ତି ଏବଂ ଓଡ଼ିଶାର ସ୍ୱାର୍ଥ ପ୍ରସଙ୍ଗରେ ସମ୍ପୂର୍ଣ୍ଣ ନୀରବ ଅଛନ୍ତି। ଏହି ଆଇନ ଫଳରେ ରାଜ୍ୟ ପ୍ରତିବର୍ଷ ହଜାର ହଜାର କୋଟି ଟଙ୍କାର କ୍ଷତି ସହିବ। ତେଣୁ ସମସ୍ତ ରାଜନୈତିକ ଦଳ ଏହି ଲଢେଇରେ ସାମିଲ ହେବାକୁ ସେ ଆହ୍ୱାନ ଦେବା ସହ ଏମଏମଡିଆର ସଂଶୋଧିତ ଆଇନକୁ କୌଣସି ପରିସ୍ଥିତିରେ ବି ଓଡ଼ିଶାରେ କାର୍ଯ୍ୟକାରୀ କରାଇ ଦେବେ ନାହିଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଅନ୍ୟପଟେ ବିଜେଡିର ପୂର୍ବତନ ସାଂଗଠନିକ ସମ୍ପାଦକ ବର୍ତ୍ତମାନର ଏମ୍ଏମ୍ଡିଆରକୁ ମୋଦି - ମନମୋହନ - ଡବଲ ଇଞ୍ଜିନ - ରବରି ଆକ୍ଟ ବୋଲି କହି ଦୃଢ଼ ସମାଲୋଚନା କରିଛନ୍ତି । ଏହି ଆଇନ କେବଳ ଓଡ଼ିଶାକୁ ଲୁଟିବା ପାଇଁ ହୋଇଛି ବୋଲି କହିଛନ୍ତି ବବି ।

ସେହିପରି ଏହି ଆନ୍ଦୋଳନରେ ବରିଷ୍ଠ ବିଜେଡି ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନ 'ଜନନୀ ଜନ୍ମଭୂମିଶ୍ଚ' ମନ୍ତ୍ର ଉଚ୍ଚାରଣ ସହ ନିଜର ଅଭିଭାଷଣ ଆରମ୍ଭ କରି କହିଥିଲେ ଯେ ନବୀନଙ୍କ ନେତୃତ୍ୱରେ ସୁପ୍ରିମକୋର୍ଟରେ ଓଡ଼ିଶା ସପକ୍ଷରେ ଆସିଥିବା ଐତିହାସିକ ରାୟ ଦ୍ୱାରା ରାଜ୍ୟକୁ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବିପୁଳ ରାଜସ୍ୱ ମିଳିଥାନ୍ତା। ଏହି ଅର୍ଥରେ ଓଡ଼ିଶା ଋଣମୁକ୍ତ ହେବା ସହ ଚାଷୀମାନଙ୍କୁ ଲାଭ ମିଳିଥାନ୍ତା, ଜଳସେଚନ ପ୍ରକଳ୍ପ, ପେନସନ ବୃଦ୍ଧି, ଅନ୍ତର୍ଜାତୀୟ ସ୍ତରର ସ୍କୁଲ, ମଧ୍ୟାହ୍ନ ସହ ପ୍ରାତଃଭୋଜନ, ଏବଂ ମେଟ୍ରୋ ଭଳି ପ୍ରକଳ୍ପ ସାକାର ହୋଇପାରିଥାନ୍ତା। ସମସ୍ତେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡ ପାଇଥାନ୍ତେ ଏବଂ ବର୍ଷ ବର୍ଷ ଧରି ଓଡ଼ିଶା ଏକ ନମ୍ବର ରାଜ୍ୟ ହୋଇପାରିଥାନ୍ତା ବୋଲି ସେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। କିନ୍ତୁ କେନ୍ଦ୍ରର ବିଜେପି ସରକାର ଏହି ବିଲ୍ ଆଣି ସେହି ଅର୍ଥକୁ ଓଡ଼ିଶାରୁ ଫେରାଇ ଦେଇ ମାଆ, ମାଟି ଓ ମାତୃଭୂମି ପ୍ରତି ଘୋର ଅନ୍ୟାୟ କରିଛନ୍ତି। ବିଜେପିର ରିମୋଟ କଣ୍ଟ୍ରୋଲ ଦିଲ୍ଲୀରେ ଥିବା ବେଳେ ବିଜେଡିର ରିମୋଟ କେବଳ ଓଡ଼ିଶାବାସୀଙ୍କ ପାଖରେ ଅଛି।

## ଫୁଲବାଣୀ ମେଡିକାଲ କଲେଜରେ ସେବା ବ୍ୟବସ୍ଥା ନେଇ ଅଭିଯୋଗ

# ଅଧିକାରୀ ଓ ବିଶେଷଜ୍ଞଙ୍କ ଅନୁପସ୍ଥିତି ନେଇ ରୋଗୀଙ୍କ ଅସନ୍ତୋଷ

**କନ୍ଧମାଳ, ୨୮।୯(ନି.ସୂ) :** କନ୍ଧମାଳ ଜିଲ୍ଲାବାସୀଙ୍କ ଉତ୍ତମ ଚିକିତ୍ସା ସେବା ପାଇଁ ଫୁଲବାଣୀରେ ମେଡିକାଲ କଲେଜ ଓ ହସ୍ପିଟାଲର ବ୍ୟବସ୍ଥା ହୋଇଥିଲେ ମଧ୍ୟ ବିଭିନ୍ନ ବିଭାଗରେ ସେବା ପରିଚାଳନାକୁ ନେଇ ରୋଗୀ ଓ ସମ୍ପର୍କୀୟଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ଅଭିଯୋଗ ହୋଇଛି। ମାସ ର କୌଣସି ସୋମବାରେ ମଧ୍ୟ ହସ୍ପିଟାଲର ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା କିଛି ଅଧିକାରୀ ଓ ବିଭାଗୀୟ ମୁଖ୍ୟ ଉପସ୍ଥିତ ନଥିବା ନେଇ ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସିଡିଏମ୍ଓ , ମେଡିକାଲ କଲେଜ ମ୍ୟାନେଜର, ଆଡମିନିଷ୍ଟ୍ରେସନ ଅଫିସର, ଓଏଏସ୍ ଅଧିକାରୀଙ୍କ ସମେତ କିଛି ବିଭାଗର ଦାୟିତ୍ୱରେ ଥିବା ଅଧିକାରୀ ନିୟମିତ ଭାବେ ଉପସ୍ଥିତ ନ ରହିବା ଯୋଗୁଁ ପ୍ରଶାସନିକ ଓ ଚିକିତ୍ସା ସେବା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି। ଏହାର ସ୍ୱଚ୍ଛତା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଉପସ୍ଥିତି ରେକର୍ଡ ଓ ଡ୍ୟୁଟି ରୋଷ୍ଟର ଯାଞ୍ଚ କରିବାକୁ ଦାବି ହୋଇଛି। ବିଶେଷ କରି ରେଡିଓଲୋଜି ବିଭାଗର ସେବାକୁ ନେଇ ରୋଗୀମାନେ ଅସୁବିଧା ଭୋଗୁଥିବା ଅଭିଯୋଗ ରହିଛି। ଅଭିଯୋଗକାରୀଙ୍କ କହିବା ଅନୁସାରେ, ବିଭାଗରେ ବିଶେଷଜ୍ଞ ଡାକ୍ତର ଥିଲେ ମଧ୍ୟ ସପ୍ତାହରେ ମାତ୍ର ପ୍ରାୟ ତିନି ଦିନ ଅଲଟ୍ରାସାଉଣ୍ଡ ସେବା ମିଳୁଛି ଏବଂ ଦୈନିକ ପ୍ରାୟ ୧୫ଟି ପରୀକ୍ଷାରେ ସୀମିତ ରହୁଥିବା ଅଭିଯୋଗ ହୋଇଛି। ଫଳରେ କେତେକ ରୋଗୀଙ୍କୁ ୨୦ରୁ ୨୫ ଦିନ




ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି ଏବଂ ବାଧ୍ୟ ହୋଇ ବାହାରେ ପରୀକ୍ଷା କରାଇବାକୁ ପଡୁଥିବା କୁହାଯାଉଛି।

ସେହିପରି ଦାନ୍ତ ବିଭାଗରେ ଏକ୍ସ-ରେ, ରକ୍ତ ପରୀକ୍ଷା ଓ ଆବଶ୍ୟକ ଔଷଧ ନେବା ପରେ ମଧ୍ୟ ଦାନ୍ତ ଉପାଡ଼ିବା ପାଇଁ ଦୀର୍ଘ ସମୟ ଅପେକ୍ଷା କରାଯାଉଥିବା ଅଭିଯୋଗ ଆସିଛି। କେତେକ ରୋଗୀଙ୍କୁ ପୁନଃପୁନଃ ହସ୍ପିଟାଲ ଆସିବା ପରେ ମଧ୍ୟ ସେବା ନମିଳି ନିକଟସ୍ଥ ବେସରକାରୀ କ୍ଲିନିକକୁ ଯିବାକୁ ପରାମର୍ଶ ଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ଅଭିଯୋଗଗୁଡ଼ିକର ସ୍ୱତନ୍ତ୍ର ଯାଞ୍ଚ ଆବଶ୍ୟକ ବୋଲି ଲୋକମାନେ କହିଛନ୍ତି।

ଅଭିଯୋଗ ଅନୁସାରେ, କେତେକ ଡାକ୍ତର ହସ୍ପିଟାଲ ଅପେକ୍ଷା ବେସରକାରୀ କ୍ଲିନିକରେ ଅଧିକ ସମୟ ଦେଉଥିବା ନେଇ ମଧ୍ୟ ପ୍ରଶ୍ନ ଉଠିଛି। ତେବେ ଏହି ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ ଡାକ୍ତର ଓ ହସ୍ପିଟାଲ ପ୍ରଶାସନର ମତାମତ ଜଣାପଡ଼ିନାହିଁ। କନ୍ଧମାଳ ବାସୀଙ୍କ ଦାବି ହେଉଛି, ମେଡିକାଲ କଲେଜ ଓ ହସ୍ପିଟାଲରେ ସମସ୍ତ ବିଭାଗର ଡାକ୍ତର, ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ଉପସ୍ଥିତି ସୁନିଶ୍ଚିତ କରାଯାଉ। ଅଲଟ୍ରାସାଉଣ୍ଡ, ଦାନ୍ତ ଚିକିତ୍ସା ସମେତ ସମସ୍ତ ଆବଶ୍ୟକ ସେବା ନିର୍ଦ୍ଧାରିତ ସମୟରେ ମିଳିବା ସହ ରୋଗୀଙ୍କୁ ଅନାବଶ୍ୟକ ଭାବେ ବାହାରକୁ ପଠାଇବା ଅଭିଯୋଗର ଯାଞ୍ଚ କରାଯାଉ। ଜନପ୍ରତିନିଧି, ଜିଲ୍ଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେଲେ କନ୍ଧମାଳ ଜିଲ୍ଲାବାସୀ ଉପକୃତ ହେବେ ବୋଲି ସାଧାରଣରେ ଦାବି ହୋଇଛି।

## ଅଧିବକ୍ତା ପରିଷଦର ପ୍ରତିଷ୍ଠା ଦିବସ ପାଳିତ

**କେନ୍ଦ୍ରାପଡା, ୨୮।୯(ନି.ସୂ) :** ଓଡ଼ିଶା ଅଧିବକ୍ତା ପରିଷଦର କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ପକ୍ଷରୁ ପରିଷଦର ୩୫ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ତିନିମୁହାଣିସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ସହକାରେ ପାଳିତ ହୋଇଯାଇଛି। ଏହି ସମାରୋହରେ ସମ୍ପାଦକ ସମର କେଶରୀ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତଥା ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର.ଏସ.ଏସ.)ର ଓଡ଼ିଶା ପୂର୍ବ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି ଯୋଗଦେଇ ଉପସ୍ଥିତ ଅଧିବକ୍ତାମାନଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଜିଲ୍ଲା ସଭାପତି ବିଭୂତି ଭୂଷଣ କର କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ ଯେ ଓକିଲାତି କେବଳ ଅର୍ଥ ଉପାର୍ଜନର ବୃତ୍ତି ନୁହେଁ, ବରଂ ଏହା ଏକ ପବିତ୍ର ସମାଜସେବା ବୋଲି କହିଥିଲେ। ଏହି ଅବସରରେ (ଜି.ପି.) ତଥା ପରିଷଦର ପୂର୍ବତନ ସଭାପତି ବୈଦ୍ୟନାଥ ଚାଟାର୍ଜୀ ସମ୍ମାନିତ ଅତିଥି ଭାବେ ମ□ାସୀନ ରହି ନିଜର ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରବଳ ବର୍ଷା ଓ ପ୍ରତିକୂଳ ପାଗ ସତ୍ତ୍ୱେ ଜିଲ୍ଲାର ବରିଷ୍ଠ ସରକାରୀ ଓକିଲଙ୍କ ସମେତ ୯୫ରୁ ଊର୍ଦ୍ଧ୍ୱ ଆଇନଜୀବୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସଭାକୁ ସାଫଲ୍ୟମଣ୍ଡିତ କରିଥିଲେ। ଶେଷରେ ବିରଞ୍ଚି ନାରାୟଣ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରିରେ ଭାଲୁ ଆତଙ୍କ, ଅଳ୍ପକେ ବର୍ତ୍ତିଲେ ଯୁବକ

**ନୀଳଗିରି, ୨୮।୯(ନି.ସୂ) :** ନୀଳଗିରି ସହରରେ ଦେଖିବାକୁ ମିଳିଛି ଭାଲୁ ଆତଙ୍କ। ନୀଳଗିରିର ରେଡ୍ ରୋଜ ବେକେରୀ ଦୋକାନ ଗଳିରେ ଏକ ବିରାଟ ଭାଲୁ ବାହାରି ଆସିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି।

ସୂଚନା ଅନୁସାରେ, ସକାଳ ସମୟରେ ଭାଲୁଟି ରାସ୍ତାରେ ବାହାରୁଥିବା ବେଳେ ସାମ୍ନାରୁ ଜଣେ ଯୁବକ ହଠାତ୍ ତା'ର ହାବୁଡ଼ରେ ପଡ଼ି ଯାଇଥିଲେ। ଯୁବକଙ୍କୁ ଦେଖି ଭାଲୁଟି ଆକ୍ରମଣ ଉଦ୍ୟମ କରିଥିବା ଦେଖାଯାଇଛି। ତେବେ ଯୁବକଙ୍କ ଭାଗ୍ୟ ଭଲ ଥିବାରୁ ବଡ଼ ଅଘଟଣ ଘଟିନଥିଲା। ଭାଲୁଟି ହଠାତ୍ ରାସ୍ତା ପାର ହୋଇ ସେଠାରୁ ପଳାଇ ଯାଇଥିଲା। ଫଳରେ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ ଯୁବକ। ସବୁଠାରୁ



ରୋମାଞ୍ଚକର କଥା ହେଉଛି, ଭାଲୁ ଓ ଯୁବକଙ୍କ ମଧ୍ୟରେ ଘଟିଥିବା ଏହି ଘଟଣା ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଭିଡିଓରେ ଭାଲୁଟି ରାସ୍ତାରେ ଆସିବା ଏବଂ ଯୁବକଙ୍କ ନିକଟରେ ପହଞ୍ଚିବା ପରେ ଆକ୍ରମଣ ଉଦ୍ୟମ କରିବାର ଦୃଶ୍ୟ ଦେଖିବାକୁ ମିଳିଛି। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭାଲୁକୁ ନେଇ ଭୟ ଓ ଆତଙ୍କ ବଢ଼ିଛି। ଜନବସତି ଅଞ୍ଚଳକୁ ଭାଲୁ କିପରି ଆସିଲା ଏବଂ ଏହା କେଉଁ ଦିଗକୁ ଯାଇଛି, ତାହାକୁ ନେଇ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି।

## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

# ଅଭିଯୁକ୍ତଙ୍କୁ ଧରି ପୋଲିସର ଜିମା ଦେଲା ବାପା

**ଧାମନଗର, ୨୮।୯(ନି.ସୂ) :** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ଥାନା ଅଧୀନ ଘାଟସାହି(ଖାଡ଼ିମାହାରା) ଅଞ୍ଚଳରେ ଜଣେ ୧୦ ବର୍ଷର ନାବାଳିକାଙ୍କୁ ଚକୋଲେଟ୍‌ର ଲୋଭ ଦେଖାଇ ଦୁଷ୍କର୍ମ କରାଯାଇଥିବା ନେଇ ସଙ୍ଗୀନ ଅଭିଯୋଗ ଆସିଛି। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଅଭିଯୁକ୍ତଙ୍କୁ ନେଇ ପୋଲିସର କାର୍ଯ୍ୟପ୍ରଣାଳୀ ଓ ଧୁଷୁରୀ ଥାନାର ଜଣେ ଏଏସ୍‌ଆଇଙ୍କ ଆଚରଣକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ମିଳିଥିବା ଅଭିଯୋଗ ଅନୁଯାୟୀ, ଘାଟସାହି ଅଞ୍ଚଳର ଶୁଭସ୍ମିତା ମଲିକ(୩୨) ନିଜ ସ୍ୱାମୀ ପଙ୍କଜ ମଲିକଙ୍କ ସହ ରହୁଥିବା ବେଳେ ତାଙ୍କ ୧୦ ବର୍ଷର ଝିଅ ଗତ ୨୫ ତାରିଖ ସକାଳ ପ୍ରାୟ ୮ଟା ୨୦ ମିନିଟ୍‌ରେ ଚକୋଲେଟ୍ କିଣିବା ପାଇଁ ତାରିଣୀ ହୋଟେଲ ନିକଟସ୍ଥ ଏକ ଦୋକାନକୁ ଯାଇଥିଲେ। ଦୋକାନ ବନ୍ଦ ଥିବାରୁ ସେ ଘରକୁ ଫେରୁଥିବା ସମୟରେ ରାସ୍ତାରେ ଜଣେ ବ୍ୟକ୍ତିଙ୍କ ସହ ତାଙ୍କର ଦେଖା ହୋଇଥିଲା। ପରିବାର ପକ୍ଷରୁ ହୋଇଥିବା ଅଭିଯୋଗ ଅନୁସାରେ, ଉକ୍ତ ବ୍ୟକ୍ତି ଜଣକ ନାବାଳିକାଙ୍କୁ ଚକୋଲେଟ୍‌ର ଲୋଭ ଦେଖାଇ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ସେଠାରେ ତାଙ୍କ ସହ ଯୌନ ନିର୍ଯାତନା ଓ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ କାନ୍ଦିବାରୁ ଘଟଣା ପ୍ରଘଟ ହେବା ଭୟରେ ଅଭିଯୁକ୍ତ ତାଙ୍କୁ ଚକୋଲେଟ୍ ଦେଇ ଏ ବିଷୟରେ କାହାକୁ କହିଲେ ତଣ୍ଟି ଚିପି ହତ୍ୟା କରିବାକୁ ଧମକ ଦେଇଥିବା ମଧ୍ୟ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଘଟଣା ପରେ ନାବାଳିକା ଜଣକ ଭୟଭୀତ ଅବସ୍ଥାରେ ଘରକୁ ଫେରି ନିଜ ମାଆଙ୍କୁ ସମସ୍ତ ଘଟଣା ଜଣାଇଥିଲେ। ଝିଅଠାରୁ ସବୁ କଥା ଶୁଣିବା ପରେ ମାଆ ଶୁଭସ୍ମିତା ମଲିକ ଅଭିଯୁକ୍ତଙ୍କ ସମ୍ପର୍କରେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ସଂଗ୍ରହ କରିଥିଲେ। ପରେ ନିଜ ଝିଅକୁ ନ୍ୟାୟ ଦେବା ଆଶାରେ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।ତେବେ ଅଭିଯୋଗକାରିଣୀଙ୍କ କହିବା ଅନୁଯାୟୀ, ଥାନାରେ ଅଭିଯୋଗ କରିବା ପରେ ମଧ୍ୟ ତାଙ୍କୁ ଆବଶ୍ୟକ ସହଯୋଗ ମିଳିନଥିଲା। ଅଭିଯୁକ୍ତଙ୍କୁ ଧରିବାରେ ବିଳମ୍ବ ହୋଇଥିବା ନେଇ ମଧ୍ୟ ସେ ପ୍ରଶ୍ନ ଉଠାଇଛନ୍ତି। ତେବେ କିଛି ଘଣ୍ଟା ପରେ ଧୁଷୁରୀ ଥାନା ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ ହୋଇଥିବା ସୂଚନା ମିଳିଛି। କିନ୍ତୁ ନାବାଳିକାଙ୍କ ବାପା ଅଭିଯୁକ୍ତଙ୍କୁ ଧରି ଧୁଷୁରୀ ଥାନାକୁ ଖବର ଦେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଜଣେ ଅଭିଯୋଗକାରୀଙ୍କୁ ନିଜେ ଅଭିଯୁକ୍ତଙ୍କୁ ଧରିବାକୁ ପଡ଼ିବା ଘଟଣା ପୋଲିସର କାର୍ଯ୍ୟପ୍ରଣାଳୀକୁ ନେଇ ଆଲୋଚନାର ବିଷୟ ପାଲଟିଛି। ଅପରପକ୍ଷେ, ଧୁଷୁରୀ ଥାନାରେ କାର୍ଯ୍ୟରତ ଏଏସ୍‌ଆଇଙ୍କ ଆଚରଣକୁ ନେଇ ମଧ୍ୟ ଗୁରୁତର ଅଭିଯୋଗ ଆସିଛି। ଅଭିଯୋଗକାରିଣୀଙ୍କ ଅଭିଯୋଗ ଶୁଣିବା ପରିବର୍ତ୍ତେ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଓ ମିଥ୍ୟା ମାମଲାରେ ଫସାଇବାର ଧମକ ଦେବା ଭଳି ଅଭିଯୋଗ ହୋଇଛି।

## ଅବକାରୀ ମୋବାଇଲ ଟିମର ପୃଥକ ଚଢାଉ

# ଗଞ୍ଜେଇ ସହ ୩ ଗାଡି ଜବତ, ୬ ଗିରଫ

**କନ୍ଧମାଳ, ୨୮।୯(ନି.ସୂ) :** ଅବକାରୀ ସୁପରିଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଫୁଲବାଣୀ ଅବକାରୀ ମୋବାଇଲ ଟିମ ପକ୍ଷରୁ ଟିକାବାଲି ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୃଥକ ଚଢ଼ାଉ କରାଯାଇଛି। ଏହି ଚଢ଼ାଉରେ ମୋଟ ୧ କୁଇଣ୍ଟାଲ ୨୧ କେଜି ଗଞ୍ଜେଇ ଜବତ ହୋଇଥିବା ବେଳେ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ଆମ୍ବୁଲାନ୍ସ ସମେତ ୩ଟି ଗାଡ଼ି ଜବତ କରାଯାଇଛି। ଏଥିସହ ଗଞ୍ଜେଇ ଚାଲାଣ ଅଭିଯୋଗରେ ୬ ଜଣଙ୍କୁ ଗିରଫ କରି ପୃଥକ ମାମଲାରେ କୋର୍ଟ ଚାଲାଣ କରାଯାଇଛି। ଅବକାରୀ ମୋବାଇଲ ଟିମ ପ୍ରଥମେ ଟିକାବାଲି ଥାନା ଅଧୀନ ଲାଇନପଡ଼ା ରାସ୍ତାରେ ଏକ ଆମ୍ବୁଲାନ୍ସକୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ସମୟରେ ଆମ୍ବୁଲାନ୍ସରୁ ୬୦ କେଜି ଗଞ୍ଜେଇ ଜବତ ହୋଇଥିଲା।

ଏହି ଘଟଣାରେ ଆମ୍ବୁଲାନ୍ସ ଡ୍ରାଇଭର ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଧୀନ କୁଲି ଗାଁର ଦୁର୍ଗା ଶଙ୍କର ପାଣିଗ୍ରାହୀ (୨୬) ଏବଂ



ହେଲ୍ପର ସହଦେବ ଖୁଣ୍ଟା ଥାନା ଅଧୀନ ଆଜିମାବାଦ ଗାଁର ମହେଶ୍ୱର ନନ୍ଦୀ (୩୦)ଙ୍କୁ ଗିରଫ କରାଯାଇଥିଲା। ପରେ ଗଞ୍ଜେଇ ଭର୍ତ୍ତି ଆମ୍ବୁଲାନ୍ସକୁ ପାଇଲଟିଂ କରୁଥିବା ଅଭିଯୋଗରେ ଏକ ଏକ୍ସୟୁଭି ଗାଡ଼ିକୁ ଲାଇନପଡ଼ା ଗାଁ ନିକଟରେ ଅଟକାଇ ଯାଞ୍ଚ କରାଯାଇଥିଲା। ଏଥିରୁ ୨୧ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ଖନ୍ତାପଡ଼ା ଥାନା ଅଧୀନ ମହମଦାବାଦ ଗାଁର ଡ୍ରାଇଭର ଯାଦୁନାଥ ସାହୁ (୪୨) ଏବଂ ବଳଭଦ୍ର ସାହୁ (୨୮)ଙ୍କୁ ଗିରଫ କରାଯାଇଥିଲା। ସେହିପରି ଶଙ୍କରାଖୋଲ ଠାରେ ଏକ ବୋଲେରୋ ଡାଲା ଗାଡ଼ିକୁ ଅଟକାଇ ଯାଞ୍ଚ କରାଯିବାରୁ ଗାଡ଼ିରୁ ୪୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଘଟଣାରେ ବାଲେଶ୍ୱର ଜିଲ୍ଲା କୁମୁଡ଼ିଆ ଥାନା ଅଧୀନ ନୀଳଗିରି ଗାଁର ଦିବାକର ପାତ୍ର (୪୬) ଏବଂ ଭାସ୍କର ପାତ୍ର (୩୯)ଙ୍କୁ ଗିରଫ କରାଯାଇଥିଲା।

ଏହି ସମସ୍ତ ଘଟଣାରେ ପୃଥକ ମାମଲା ରୁଜୁ କରାଯାଇ ଗିରଫ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ଡେପୁଟି ସୁପରିଟେଣ୍ଡେଣ୍ଟ ସତ୍ୟଜିତ ଖଟୁଆ ସୂଚନା ଦେଇଛନ୍ତି। ଚଢ଼ାଉରେ ଅବକାରୀ ମୋବାଇଲ ଟିମର ଅଧିକାରୀ ରଙ୍କନିଧି ମଲିକ, ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମଲିକ, ଏମ୍. ସଞ୍ଜୀବ କୁମାର, ମିନତୀ ଗାଉଁତିଆ ଏବଂ ଜ୍ଞାନ ପ୍ରକାଶ ସାହୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ବିଜେପିର ମିଶ୍ରଣ ପର୍ବ

**ନୂଆପଡା, ୨୮।୯(ନି.ସୂ) :** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବାଦୀ ବଗିଚା ଠାରେ ଭାରତୀୟ ଜନତା ପାର୍ଟିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଅଛି। ରାଜ୍ୟ ସଭା ସାଂସଦ ସୁଜିତ୍ କୁମାର



ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଥିବା ବେଳେ ଭାରତୀୟ ଜନତା ପାର୍ଟିର ୧୮ କୋଟିର ସଦସ୍ୟ ସଦସ୍ୟା ପରିବାର ବିଶିଷ୍ଟ ପରିବାର ଥିବା ବେଳେ ମୋଦିଙ୍କ ନିତିରେ ବିକଶିତ ଭାରତ ବିକଶିତ ରାଷ୍ଟ୍ର ଗଠନ ଅନୁପ୍ରାଣିତ ହୋଇ ଯୋଗଦାନ କରିଛନ୍ତି।

ଖଡ଼ିଆଳ ଏନଏସି ୱାର୍ଡ ନମ୍ବର ୦୪ ସୁଚିସ୍ମିତା ମହାରଣା ସଦସ୍ୟା ସହ ବାଦୀ ସରପଞ୍ଚ ରୀନା ପାଣ୍ଡେଙ୍କ ସମେତ ୱାର୍ଡ ସଭ୍ୟ ସଭ୍ୟା ଯୋଗଦାନ କରିଛନ୍ତି। ଏହି ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବରେ ଜିଲ୍ଲା ବିଜେପି ସଭାପତି କମଲେଶ ଦୀକ୍ଷିତ, ଜିଲ୍ଲା ସାଧାରଣ ସମ୍ପାଦକ ଅଜିତ୍ ଚଲାନ, ତୁଳସ ପଟେଲ, ଖଡ଼ିଆଳ ନଗର ଅଧ୍ୟକ୍ଷା ଉଜ୍ଜଳ ଗୁପ୍ତା, ଦେବ ଦେବ ସିଂ ଦେଓ, ପୁଷ୍ପାଞ୍ଜଳି ପାଣ୍ଡେ, ବାଳକୃଷ୍ଣ ଶବର ପ୍ରମୁଖ ମଞ୍ଚାସିନ ହୋଇଥିଲେ।

## ଫିରିଙ୍ଗିଆ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟରେ ଏନଏସ୍ଏସ୍ ପକ୍ଷରୁ ବୃକ୍ଷ ରୋପଣ

**କନ୍ଧମାଳ, ୨୮।୯(ନି.ସୂ) :** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୧୨୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି। ପରିବେଶ ସୁରକ୍ଷା, ସବୁଜ ପରିବେଶ ସୃଷ୍ଟି ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା।




କାର୍ଯ୍ୟକ୍ରମରେ ଜାତୀୟ ସେବା ଯୋଜନା ସଂଯୋଜକ ସୁଦାମ କୁମାର ବେହେରାଙ୍କ ନେତୃତ୍ୱରେ ଶହେରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧ୍ୟାପକ-ଅଧ୍ୟାପିକାମାନେ ଯୋଗଦେଇ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ଚାରାରୋପଣ ସହିତ ଏହାର ନିୟମିତ ଯତ୍ନ ଓ ସୁରକ୍ଷା ନେବା ପାଇଁ ସ୍ୱେଚ୍ଛାସେବୀମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ ବୃକ୍ଷ ମାନବ ଜୀବନର ଏକ ଅବିଚ୍ଛିନ୍ନ ଅଂଶ, ପରିବେଶର ସନ୍ତୁଳନ ରକ୍ଷା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଓ ଜୀବଜଗତର ସୁରକ୍ଷା ପାଇଁ ଅଧିକରୁ ଅଧିକ ବୃକ୍ଷରୋପଣ ଆବଶ୍ୟକ ତଥା କେବଳ ଚାରା ଲଗାଇବା ନୁହେଁ, ଲଗାଯାଇଥିବା ଚାରାର ଯତ୍ନ ନେଇ ତାହାକୁ ବଡ଼ କରିବା ପ୍ରତ୍ୟେକଙ୍କ ଦାୟିତ୍ୱ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ନବଘନ ସାହୁ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଏପରି ପରିବେଶଭିତ୍ତିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମନରେ ସାମାଜିକ ଦାୟିତ୍ୱବୋଧ ଓ ପରିବେଶ ସୁରକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ସ୍ଥାନୀୟ ଅଞ୍ଚଳରେ ସବୁଜ ପରିବେଶ ଗଠନରେ ସହାୟକ ହେବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣକୁ ନିଜ ଦୈନନ୍ଦିନ ଜୀବନର ଅଂଶ କରିବାକୁ ଆହ୍ୱାନ ଦେଇଥିଲେ।

## ଚାଲୁଣି ଗାଁ ପଞ୍ଚାୟତରେ ବିଧାୟକଙ୍କ ସହାୟତା

**ସିମୁଳିଆ, ୨୮।୯(ନି.ସୂ) :** ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକର ଚାଲୁଣି ଗାଁ ପଞ୍ଚାୟତରେ ଅର୍ଣ୍ଣବ ପ୍ରଭାବରେ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହୋଇ ଥିଲା। ଏହି ବନ୍ୟାପାଣି ରେ ଜଳବନ୍ଦୀ ଜୀବନ ବିତାଉଥିବା ଲୋକଙ୍କ ପାଖରେ ପହଞ୍ଚିଥିଲେ ବିଧାୟକ ପଦ୍ମଲୋଚନ ପଣ୍ଡା ଏବଂ ବରିଷ୍ଠ ଛାମୁଆ ନେତା।



ସୂଚନା ଅନୁଯାୟୀ ଗତକାଲି ସିମୁଳିଆ ବ୍ଲକ ଚାଲୁଣିଗାଁ ପଞ୍ଚାୟତର ଅନେକ ଗାଁ ବନ୍ୟା ପ୍ରଭାବରେ ଜଳବନ୍ଦୀ ମଧ୍ୟରେ ଅଛି। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ତାଙ୍କର ପ୍ରତିନିଧି ତଥା ଜିଲ୍ଲା ସାଧାରଣ ସମ୍ପାଦକ, ଯୁବନେତା ଡା. ଅଂଶୁମାଧବ ପଣ୍ଡା (ଅନି ନନା) ଉକ୍ତ ଗ୍ରାମକୁ ବୋଟ୍ ମାଧ୍ୟମରେ ଯାଇ ଶୁଖିଲା ଖାଦ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ କରିବା ସହିତ ସମସ୍ତ ସରକାରୀ ସହାୟତା ତୁରନ୍ତ କେମିତି ମିଳିପାରିବ ସେଥିପାଇଁ ପ୍ରଶାସନିକ ଅଧିକାରୀଙ୍କ ସହିତ କଥା ହୋଇଛନ୍ତି। ଏହି ଅବସରରେ ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଚାଲୁଣିଗାଁ ସରପଞ୍ଚ ମମତା ବେହେରା, ଜିଲ୍ଲା ଉପସଭାପତି ଭାରତୀ ମଲ୍ଲିକ, ଜିଲ୍ଲା ସମ୍ପାଦକ ନିରାକାର ପଣ୍ଡା, ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ଅକ୍ଷୟ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଡକ୍ଟର ଅସାଦୁଲ୍ଲା ୱେଲଫେୟାର ଫାଉଣ୍ଡେସନ୍ ପକ୍ଷରୁ ମାନବସେବା ଓ ଅନ୍ନ ପ୍ରଦାନ

**କଟକ, ୨୮।୯(ନି.ସୂ) :** ସେବା, ଶିକ୍ଷା ଓ ମାନବିକତାର ମୂଲ୍ୟବୋଧକୁ ଆଗକୁ ନେବା ଲକ୍ଷ୍ୟରେ 'ଡକ୍ଟର ଅସାଦୁଲ୍ଲା ୱେଲଫେୟାର ଫାଉଣ୍ଡେସନ୍' ପକ୍ଷରୁ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ସ୍ୱାଧୀନତା ସଂଗ୍ରାମୀ ତଥା ଇଣ୍ଡିଆନ୍ ନାସନାଲ୍ ଆର୍ମିର ପୂର୍ବତନ ସୁବେଦାର ସ୍ୱର୍ଗତ ଡାଃ ଶେଖ୍ ଅସାଦୁଲ୍ଲାଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କ ପରିବାରବର୍ଗ ଓ ଫାଉଣ୍ଡେସନ୍‌ର ସଦସ୍ୟଙ୍କ



ମିଳିତ ଉଦ୍ୟମରେ କଟକ ଏସସିବି ମେଡିକାଲ କଲେଜ୍ ଓ ହସ୍ପିଟାଲ ପରିସରରେ ଏକ ଅନ୍ନ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁମତାଜ ବେଗମ୍, ଶେଖ୍ ଜାଫରୁଲ୍ଲାହ୍, ଶେଖ୍ ହେଦାୟତୁଲ୍ଲାହ୍, ଶେଖ୍ ସାମିଉଲ୍ କାଦିର୍, ସ୍ୱଲେହା ବେଗମ୍, ସବନମ୍ ଆରା ବେଗମ୍, ନିଗାହେନ୍ ପରବୀନ୍, ରୋଶନାରା ବେଗମ୍, ରେହାନ୍ ଖାନ୍, ଶେଖ୍ ରୋଶନୁଲ୍ଲାହ୍, ଶେଖ୍ ଆୟାନୁଲ୍ଲାହ୍, ଆୟେଶା ପରବୀନ୍, ସାହେନ୍ସା ବେଗମ୍, ମୋଜିବୁର୍ ରହମାନ୍ ଓ ସୟଦ୍ ରିଜୱାନ୍ ଅଲୀଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।

## ବନ୍ୟା ଜଳରେ ଭାସିଯାଇଥିବା ଯୁବକ ଉଦ୍ଧାର

**ଧାମନଗର, ୨୮।୯(ନି.ସୂ) :** ଧାମନଗର ବ୍ଲକ ଅନ୍ତର୍ଗତ ଦିହୁଡ଼ି ଆନନ୍ଦପୁର ଗ୍ରାମ ପଞ୍ଚାୟତର ପାହାଡ଼ପୁର ଗ୍ରାମର ଚନ୍ଦ୍ରମଣି ଖୁଣ୍ଟିଆ(୪୪) ବନ୍ୟା ଜଳରେ ଭାସି ଯାଇଥିବା ବେଳେ ଅଗ୍ନିଶମ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ ଚନ୍ଦ୍ରମଣି ଖୁଣ୍ଟିଆ ରବିବାର ମଧ୍ୟାହ୍ନରେ ଗ୍ରାମ ନିକଟସ୍ଥ ଗେଙ୍ଗୁଟି ନଦୀକୁ ଗାଧୋଇବାକୁ ଯାଇଥିଲେ। କୌଣସି କାରଣକୁ ତାଙ୍କର ଗୋଡ଼ ଖସି ଯିବାରୁ ନଦୀରେ ଭାସି ଯାଇଥିଲେ। ବିଳମ୍ବ ହେବାରୁ



ପରିବାର ତଥା ଗ୍ରାମ ଲୋକେ ଖୋଜାଖୋଜି କରିଥିଲେ। ପରେ ନଦୀରେ ମଧ୍ୟରେ ଥିବା ଏକ ଗଛକୁ ଆଶ୍ରା କରି ରହିଥିବାର ଗାଁ ଲୋକେ ଦେଖିଥିଲେ। ଖବର ପାଇ ଧାମନଗର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଚନ୍ଦ୍ରମଣି କୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଠିକ ଥିବାର ଜଣା ପଡ଼ିଛି।

## 'ଆଙ୍ଗନ କା ଉତ୍ସବ'ରେ ମହକିଲା ବାଗୁଲିସାହି ଅଙ୍ଗନୱାଡି କେନ୍ଦ୍ର

**ନୀଳଗିରି, ୨୮।୯(ନି.ସୂ) :** କଦମସାହିର ବାଗୁଲିସାହି ଅଙ୍ଗନୱାଡି କେନ୍ଦ୍ରରେ ଆଜି ଉତ୍ସାହ ଓ ଆନନ୍ଦର ସହ 'ଆଙ୍ଗନ କା ଉତ୍ସବ' କାର୍ଯ୍ୟକ୍ରମ ପାଳିତ ହୋଇଛି। ପୋଷଣ ମାସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ୨୭ ତାରିଖରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ଏହି କାର୍ଯ୍ୟକ୍ରମ ଅବସରରେ ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାରର ହାତ ତିଆରି ପିଠା ପ୍ରସ୍ତୁତି ଓ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଅଭିଭାବକମାନେ ଘରୁ ପ୍ରସ୍ତୁତ କରି ଆଣିଥିବା ପିଠାର ସ୍ୱାଦ ଯାଞ୍ଚ କରାଯାଇ ଏହାର



ମୂଲ୍ୟାଙ୍କନ ମଧ୍ୟ କରାଯାଇଥିଲା।

ଏଥିସହ ଶିଶୁମାନଙ୍କ ଶାରୀରିକ, ମାନସିକ ଓ ସାମାଜିକ ବିକାଶରେ ଅଙ୍ଗନୱାଡି କେନ୍ଦ୍ରର ଭୂମିକା ଏବଂ ଗୁରୁତ୍ୱ ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଯାଇଥିଲା। ଭଲ ପିଠା ପ୍ରସ୍ତୁତ କରିଥିବା ଅଭିଭାବକମାନଙ୍କୁ ପରବର୍ତ୍ତୀ ସମୟରେ ପୁରସ୍କୃତ କରାଯିବ ବୋଲି ସୂଚନା ମିଳିଛି।

ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଭାରତୀ ନାୟକଙ୍କ ସମେତ ଅଭିଭାବକ ଓ ଶିଶୁମାନେ ଯୋଗଦେଇଥିଲେ। ବାଗୁଲିସାହି ଅଙ୍ଗନୱାଡି କେନ୍ଦ୍ରରେ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ ହେଉଥିବାରୁ ଅଭିଭାବକମାନେ ଏହାକୁ ପ୍ରଶଂସା କରିଥିବା ଜଣାପଡ଼ିଛି।

## ବଡକୁଟ୍ରୁ ଦେଶୀମଦଭାଟିକୁ ଅହେତୁକ ଅନୁକମ୍ପା କାହା ସ୍ୱାର୍ଥରେ ?

# କତିପୟ ଦୁର୍ଗନ୍ଧରେ ପଥଚାରୀ ହନ୍ତସନ୍ତ

**କଲମପୁର, ୨୮।୯(ନି.ସୂ) :** କଳାହାଣ୍ଡି ଜିଲ୍ଲା ଜୁନଗଡ଼ ଅବକାରୀ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଅଧୀନରେ କଲମପୁର ବ୍ଲକ ଅନ୍ତର୍ଗତ ବଡକୁଟ୍ରୁ ସରକାରୀ ସ୍ୱିକୃତି ପ୍ରାପ୍ତି ଦେଶୀମଦ ଭାଟିର ମନମାନିକୁ ନେଇ ଜନ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଅଭିଯୋଗ ଅନୁସାରେ ଭାଟିର ନିର୍ଗତ ପଚା ମହୁଲ ପୋଚ ଭାଟି ନିକଟସ୍ଥ ଜମିରେ ବର୍ଷ ବର୍ଷ ହେଲା ପକାଇ ଦିଆଯାଇଛି, ସେହି କତିପୟ ପଚା ଗନ୍ଧରେ ପଥଚାରୀ ମାନେ ଯିବା ଆସିବା କରିବାରେ ଅନେକ ଅସୁବିଧା ଭୋଗୁଛନ୍ତି। ଏନେଇ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ପ୍ରକାଶ କରିଛନ୍ତି, ସେଠାରେ ମଦ ପ୍ରସ୍ତୁତ ପାଇଁ ଯେଉଁ ପାଣି ବ୍ୟବହାର ତାହା ମଧ୍ୟ ପାନୀୟ ଯୋଗ୍ୟ ନୁହେଁ। ଦୂଷିତ ପାଣିରେ ପ୍ରସ୍ତୁତ ମଦ ସର୍ବଦା ଲୋକେ ସେବନ କରୁଛନ୍ତି। ଏଥିପ୍ରତି କାହାର ଦୃଷ୍ଟି ପଡୁନାହିଁ ବୋଲି ନିଶାଡି ମାନେ ମତପ୍ରକାଶ କରିଛନ୍ତି। ଏନେଇ ଜୁନାଗଡ଼ ଅବକାରୀ ବିଭାଗ ନିରୀକ୍ଷକ ଧନରାଜ ଦଣ୍ଡସେନା ବାବୁ ମୁଁ ନୂତନ ଭାବେ ଏଠାକୁ ଆସଛନ୍ତି। ମାସେ ମଧ୍ୟ ହୋଇନାହିଁ,। ରହିଲା କତିପୟ ଦୁର୍ଗନ୍ଧର କଥା, ସେହି ଗ୍ରାମବାସୀ ଓ ସରପଞ୍ଚ ଏମାନଙ୍କୁ ନୋ ଅବଜେକ୍ସନ ସାର୍ଟିଫିକେଟ ଦେଉଛନ୍ତି। ସେମାନେ ସେତିକି ସମୟରେ ବାରଣ କରିବା



କଥା,ତାହା ଦେବା ପରେ ଆମେ କିଛି କରି ପାରିବୁ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି, ବଡକୁଟ୍ରୁ ସରପଞ୍ଚ ଗଣେଶ ଚନ୍ଦ୍ର ପଣ୍ଡା ମୋର ଶାସନ କାଳରେ ମୁଁ ଥରେ ଦୁଇଥର ନୋ ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ କରିଛି, କତିପୟ ଦୁର୍ଗନ୍ଧର ନେଇ ମଧ୍ୟ ସଂପୃକ୍ତ ଭାଟି ମାଲିକକୁ ତାଗିଦ ମଧ୍ୟ କରିଛି, ହେଲେ ତଳୁ ଉପର ପର୍ଯ୍ୟନ୍ତ ଚେର ଥିବାରୁ ଆମ କଥାକୁ ଭୃକ୍ଷେପ କରାଯାଉ ନାହିଁ।

ଏବେ ନୋ ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଅବକାରୀ ବିଭାଗ କାହିଁକି କେଜାଣି ଆମର ଆବଶ୍ୟକତା ମନେ କରୁନାହିଁ। ଫଳରେ ଦୁଇ ବର୍ଷରୁ ଅଧିକ ହେବ ଆମେ ନୋ ଅବଜେକ୍ସନ ସାର୍ଟିଫିକେଟ ପ୍ରଦାନ କରିନାହିଁ ବୋଲି ମତ ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଲାଭ ପାଉଛି ଭାଟି ମାଲିକ ଓ ଟିକସ ପାଉଛନ୍ତି ଅବକାରୀ ବିଭାଗ କିନ୍ତୁ ଅସୁବିଧା ଭୋଗୁଛନ୍ତି ଜନ ସାଧାରଣ। କିନ୍ତୁ ପରିବେଶ ଓ ମଦର ମାନ ଯାଞ୍ଚ କରିବା ନିମନ୍ତେ କୌଣସି ଅଧିକାରୀ ନାହାନ୍ତି ଏହାହିଁ ବିଡ଼ମ୍ବନା। ଏହି ଭାଟିରୁ ଦୈନିକ ଶହ ଶହ ପ୍ୟାକେଟ ମଦ ଚାଲାଣ ହେଉଛି। ପ୍ରତି ଗାଁ ଗହଳିରେ ଅସାଧୁ ମଦକୋଠୀ ଗଢ଼ି ଉଠିଛି। ପାତ୍ରବସା, ପଣ୍ଡିଗାଁ, ତେନ୍ତୁଳିଖୁଣ୍ଟି,ବୋଦେଲବନ୍ଧ,ପରୁଆଗୁଡା, ଟେମରା,ବାନ୍ଧକନା,ଝରାବାହାଲ, ଚୁରାଗାଁ ଆଦି ସ୍ଥାନରେ ଏହି ମଦ ଭାଟିରୁ ମଦ ଯାଇ ସେଠାରେ କାରବାର ହେଉଛି। ମଦଭାଟି ମାଲିକଙ୍କ ଇଶାରା ନହେଲେ ଅବକାରୀ କି ପୋଲିସ ସେଠାକୁ ଯାଇ ହାତ ମାରି ପାରୁ ନାହାନ୍ତି। ତେବେ ବେନିୟମ କାରବାର ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମଦଭାଟି ମାଲିକଙ୍କ ଅନୁମତିର ଆବଶ୍ୟକତା କାହିଁକି ଓ ଏପରି ନିୟମ କେଉଁଠି ରହିଛି ତାହା ବୁଝା ପଡୁନାହିଁ। ଏଥିପ୍ରତି ଜିଲ୍ଲା ଉଚ୍ଚ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳର ଜନ ସାଧାରଣ ଙ୍କ ମହଲରେ ଦାବି ହେଉଛି।



ସମ୍ପାଦକୀୟ ପୃଷ୍ଠା
ମଙ୍ଗଳବାର ,ସେପ୍ଟେମ୍ବର-୨୯, ୨୦୨୬




ନିର୍ଭୟ ସୂଚନା

**ଶ୍ରଦ୍ଧାରୁ ଜ୍ଞାନ ମିଳିଥାଏ**
**ନମ୍ରତାରୁ ମାନ ମିଳିଥାଏ**
**ଏବଂ ନିଜ ଯୋଗ୍ୟତାରୁ ସ୍ଥାନ ମିଳିଥାଏ**
**ଆଉ ଯେତେବେଳେ ଏଇ ତିନୋଟି ଯାକ ମିଶିଯାଏ**
**ସେତେବେଳେ ମଣିଷକୁ ସମ୍ମାନ ମିଳିଥାଏ ।**

# ବନ୍ଦ ନୁହେଁ, ସମାଧାନ ଦରକାର

ଛାତ୍ରଙ୍କ ଭବିଷ୍ୟତକୁ ଆନ୍ଦୋଳନର ଅସ୍ତ୍ର କରାଯାଉ ନାହିଁ ଓଡ଼ିଶାର ମାଟିରେ ଆନ୍ଦୋଳନର ଏକ ଦୀର୍ଘ ପରମ୍ପରା ରହିଛି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବା ଗଣତନ୍ତ୍ରର ଅଧିକାର, ସରକାରଙ୍କୁ ପ୍ରଶ୍ନ କରିବା ନାଗରିକଙ୍କ ଅଧିକାର, ଦାବି ପାଇଁ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ କରିବା ମଧ୍ୟ ଗଣତାନ୍ତ୍ରିକ ବ୍ୟବସ୍ଥାର ଅଂଶ। କିନ୍ତୁ ଏହି ଅଧିକାରର ଅର୍ଥ ଏହା ନୁହେଁ ଯେ ଗୋଟିଏ ସଂଗଠନ ସମଗ୍ର ରାଜ୍ୟର ସାଧାରଣ ଜୀବନକୁ ବନ୍ଦ କରିଦେବ, ରାସ୍ତାରେ ଲୋକଙ୍କ ଯାତାୟାତ ରୋକିବ, ଦୋକାନୀଙ୍କୁ ଦୋକାନ ବନ୍ଦ କରିବାକୁ ବାଧ୍ୟ କରିବ, ରୋଗୀଙ୍କ ଚିକିତ୍ସା ଯାତ୍ରାକୁ ଅଟକାଇବ କିମ୍ବା ଶ୍ରମିକ, ଛାତ୍ର, କର୍ମଚାରୀ ଓ ସାଧାରଣ ପରିବାରକୁ ନିଜ ଇଚ୍ଛା ବିରୋଧରେ ଘରେ ବସାଇଦେବ। ଏହି ତଫାତକୁ ଆଜି ଓଡ଼ିଶା ବୁଝିବା ଅତ୍ୟନ୍ତ ଆବଶ୍ୟକ। ନବନିର୍ମାଣ କୃଷକ ସଂଗଠନ ଓ ନବନିର୍ମାଣ ଯୁବ ଛାତ୍ର ସଂଗଠନ ସେପ୍ଟେମ୍ବର ୩୦ରେ ବାର ଘଣ୍ଟିଆ ଓଡ଼ିଶା ବନ୍ଦ ଡାକିଛନ୍ତି। ବିଦ୍ୟାଳୟ ପାଠ୍ୟପୁସ୍ତକରେ ତ୍ରୁଟି ଥିବା ଅଭିଯୋଗ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବି ଏହି ବନ୍ଦର ପ୍ରମୁଖ କାରଣ ବୋଲି ସଂଗଠନଗୁଡ଼ିକ କହିଛନ୍ତି। ସଂଗଠନ ପକ୍ଷରୁ ଶ୍ରେଣୀ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ୧୬୭୮ଟି ତ୍ରୁଟି ଚିହ୍ନଟ ହୋଇଥିବା ଦାବି କରାଯାଇଛି। ଆନ୍ଦୋଳନ ୩୭ ଦିନରେ ପହଞ୍ଚିଥିବା ଏବଂ ଅନିର୍ଦ୍ଦିଷ୍ଟକାଳୀନ ଅନଶନ ଚାଲିଥିବା ବିଷୟ ମଧ୍ୟ ସଂଗଠନଗୁଡ଼ିକ କହିଛନ୍ତି। ଏହି ଅଭିଯୋଗଗୁଡ଼ିକୁ ହେୟଜ୍ଞାନ କରିବାର ଅବକାଶ ନାହିଁ।

ପିଲାଙ୍କ ପାଠ୍ୟପୁସ୍ତକରେ ଭୁଲ ଥିଲେ ତାହା ନିଶ୍ଚିତ ଭାବରେ ଗମ୍ଭୀର ପ୍ରଶାସନିକ ଓ ଶିକ୍ଷାଗତ ପ୍ରଶ୍ନ। ପାଠ୍ୟପୁସ୍ତକ କେବଳ କାଗଜ ନୁହେଁ; ଏହା ଶିଶୁର ପ୍ରଥମ ଜ୍ଞାନର ଦ୍ୱାର। ଏଥିରେ ତଥ୍ୟଗତ, ଭାଷାଗତ କିମ୍ବା ମୁଦ୍ରଣଗତ ଭୁଲ ରହିଲେ ଦାୟିତ୍ୱ ନିର୍ଦ୍ଧାରଣ ହେବା ଦରକାର। କେଉଁଠି ଭୁଲ ହେଲା, କିଏ ଯାଞ୍ଚ କଲା, କିଏ ଅନୁମୋଦନ କଲା, ତ୍ରୁଟିପୂର୍ଣ୍ଣ ପୁସ୍ତକ କିପରି ଛପାଗଲା ଏବଂ ସଂଶୋଧିତ ପୁସ୍ତକ କେବେ ସମସ୍ତ ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚିବ ଏହି ପ୍ରଶ୍ନର ସରକାରୀ ଉତ୍ତର ସ୍ପଷ୍ଟ ହେବା ଦରକାର। ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଛନ୍ତି ଏବଂ ଅଧିବେଶନ ବାଧାପ୍ରାପ୍ତ ହୋଇଛି। ଅର୍ଥାତ୍ ଏହା ଏକ ପ୍ରକୃତ ସାର୍ବଜନୀନ ପ୍ରଶ୍ନରେ ପରିଣତ ହୋଇଛି।

କିନ୍ତୁ ଏହି ପ୍ରଶ୍ନର ଉତ୍ତର କ'ଣ ରାଜ୍ୟବ୍ୟାପୀ ବନ୍ଦ ? ଏଠି ହିଁ ମୂଳ ବିତର୍କ। ସୁପ୍ରିମକୋର୍ଟର ରାୟଗୁଡ଼ିକ ବନ୍ଦ ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦ ମଧ୍ୟରେ ଆଇନଗତ ପାର୍ଥକ୍ୟକୁ ସ୍ପଷ୍ଟ କରିଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଗତ ରାୟରେ ପୂର୍ବତନ କେରଳ ଉଚ୍ଚନ୍ୟାୟାଳୟର ପୂର୍ଣ୍ଣାଙ୍ଗ ଖଣ୍ଡପୀଠ ରାୟକୁ ଉଦ୍ଧୃତ କରି କହିଛନ୍ତି ଯେ ବନ୍ଦର ଉଦ୍ଦେଶ୍ୟ ସାଧାରଣତଃ ସମଗ୍ର ଅଞ୍ଚଳର ସାଧାରଣ ଓ ବାଣିଜ୍ୟିକ କାର୍ଯ୍ୟକଳାପକୁ ଅଚଳ କରିବା ସହ ଜଡ଼ିତ, ଏବଂ କୌଣସି ଦଳ ବା ସଂଗଠନ ସମଗ୍ର ରାଜ୍ୟର ଶିଳ୍ପ ଓ ବାଣିଜ୍ୟକୁ ଅଚଳ କରିବାର ଅଧିକାର ଦାବି କରିପାରିବ ନାହିଁ। ଆଉ ଅଧିକ ସ୍ପଷ୍ଟ ଭାବରେ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ ବନ୍ଦ, ଧର୍ମଘଟ କିମ୍ବା ହରତାଳର ନାମରେ ଅନ୍ୟ ନାଗରିକଙ୍କ ସମ୍ପତ୍ତି ନଷ୍ଟ କରିବା, ଜୀବନ ଓ ସମ୍ପତ୍ତି ପ୍ରତି ବିପଦ ସୃଷ୍ଟି କରିବାର ଅଧିକାର କାହାରି ନାହିଁ। ଏହି ଆଇନଗତ ସ୍ଥିତିକୁ ଅଣଦେଖା କରି କେବଳ ରାଜନୈତିକ ଉତ୍ତେଜନାରେ ବନ୍ଦକୁ ସମର୍ଥନ କରିବା ଠିକ ହେବ ନାହିଁ।

କାରଣ ବନ୍ଦର ପ୍ରଥମ ଶିକାର ସାଧାରଣ ଲୋକ। ଭୋରୁ ଚିକିତ୍ସା ପାଇଁ ବାହାରିଥିବା ଜଣେ ଗରିବ ରୋଗୀ, ପରୀକ୍ଷା ଦେବାକୁ ଯାଉଥିବା ଛାତ୍ର, ଦିନକୁ ଦିନ ରୋଜଗାର କରି ଘର ଚଳାଉଥିବା ଶ୍ରମିକ, ଦୂର ଗାଁରୁ ସହରକୁ ଆସୁଥିବା ମହିଳା, ରାସ୍ତାରେ ଜରୁରୀ କାମରେ ଥିବା କର୍ମଚାରୀ ଏମାନଙ୍କର ରାଜନୈତିକ ମତ ପଚାରି ବନ୍ଦ ହୁଏ ନାହିଁ। ଗୋଟିଏ ଦିନର ବନ୍ଦ ଜଣେ ଦିନମଜୁରଙ୍କ ପାଇଁ ଗୋଟିଏ ଦିନର ଆୟ ହରାଇବା ହୋଇପାରେ। ଜଣେ ଛୋଟ ବ୍ୟବସାୟୀଙ୍କ ପାଇଁ ଦିନର ବିକ୍ରି ହରାଇବା ହୋଇପାରେ। ଜଣେ ରୋଗୀଙ୍କ ପାଇଁ ଏହା ଚିକିତ୍ସାରେ ବିଳମ୍ବ ହୋଇପାରେ। ତେଣୁ ଦାବି ଯଦି ଛାତ୍ରଙ୍କ ଭବିଷ୍ୟତ ପାଇଁ, ତେବେ ଏମିତି ପଦକ୍ଷେପ କାହିଁକି ନିଆଯିବ ଯାହାର ପ୍ରଥମ ଭାର ଛାତ୍ରଙ୍କ ପରିବାର ଓ ସାଧାରଣ ଲୋକଙ୍କ ଉପରେ ପଡ଼ିବ ? ଏଠାରେ ସରକାରଙ୍କ ଦାୟିତ୍ୱ ମଧ୍ୟ କମ୍ ନୁହେଁ। ସରକାର କେବଳ ଏହା କହିଦେଲେ ଯେ ସଂଶୋଧିତ ପୁସ୍ତକ ବଣ୍ଟନ ହେଉଛି, ସେଥିରେ ଜନଆସ୍ଥା ପୁନର୍ନିର୍ମାଣ ହେବ ନାହିଁ। କେତେଟି ପୁସ୍ତକରେ କେତେ ତ୍ରୁଟି ଥିଲା, ତାହାର ଯାଞ୍ଚ କିପରି ହେଲା, କେତେଟି ସଂଶୋଧିତ ପୁସ୍ତକ ଛପାଗଲା, କେତେ ଛାତ୍ରଙ୍କୁ ପହଞ୍ଚିଲା ଏବଂ ଅବଶିଷ୍ଟ କେବେ ପହଞ୍ଚିବ—ସରକାରଙ୍କୁ ସାର୍ବଜନୀନ ଭାବରେ ଏହାର ହିସାବ ଦେବା ଦରକାର।

ସେହିପରି ମନ୍ତ୍ରୀଙ୍କ ଇସ୍ତଫା ଦାବି ମଧ୍ୟ ଗଣତାନ୍ତ୍ରିକ ପ୍ରଶ୍ନ ଭାବେ ଉଠିପାରେ; କିନ୍ତୁ ଇସ୍ତଫା ହେବ କି ନାହିଁ, ତାହା ତଥ୍ୟ, ଦାୟିତ୍ୱ ଓ ସାମ୍ବିଧାନିକ ପ୍ରକ୍ରିୟା ଆଧାରରେ ନିର୍ଣ୍ଣୟ ହେବା ଉଚିତ। କେବଳ ରାସ୍ତା ବନ୍ଦ କରି କୌଣସି ମନ୍ତ୍ରୀଙ୍କ ଇସ୍ତଫା ନିଶ୍ଚିତ କରାଯାଇପାରେ ନାହିଁ। ରାଜନୈତିକ ଦଳଗୁଡ଼ିକ ପାଇଁ ମଧ୍ୟ ଏହି ଘଟଣା ଏକ ପରୀକ୍ଷା। ବିରୋଧୀ ଦଳର କାମ ହେଉଛି ସରକାରଙ୍କୁ ପ୍ରଶ୍ନ କରିବା, ଦୋଷ ଥିଲେ ତାହା ପ୍ରମାଣ ସହ ଉଠାଇବା ଏବଂ ଛାତ୍ରଙ୍କ ସ୍ୱାର୍ଥରେ ଦାୟିତ୍ୱ ନିର୍ଦ୍ଧାରଣ ଦାବି କରିବା। କିନ୍ତୁ ସାଧାରଣ ଜନଜୀବନକୁ ଅଚଳ କରିବାର ପଥ ଗଣତାନ୍ତ୍ରିକ ଚାପର ଏକମାତ୍ର ଉପାୟ ନୁହେଁ। ବିଧାନସଭା ଅଛି, ସମ୍ବାଦମାଧ୍ୟମ ଅଛି, ନ୍ୟାୟାଳୟ ଅଛି, ଜନଶୁଣାଣି ଅଛି, ଶାନ୍ତିପୂର୍ଣ୍ଣ ଧାରଣା ଅଛି, ସ୍ମାରକପତ୍ର ଅଛି ଏବଂ ନିର୍ବାଚନରେ ଜନତାଙ୍କ ରାୟ ଅଛି। ତେବେ ବନ୍ଦ କାହିଁକି ? ଏହି ପ୍ରଶ୍ନ ଆଜି କେବଳ ସରକାରଙ୍କୁ ନୁହେଁ, ଆନ୍ଦୋଳନକାରୀଙ୍କୁ ମଧ୍ୟ ପଚାରିବା ଦରକାର। ଅନଶନକାରୀଙ୍କ ସ୍ୱାସ୍ଥ୍ୟ ନେଇ ମଧ୍ୟ ମାନବୀୟ ଚିନ୍ତା ରହିବା ଆବଶ୍ୟକ। ଦୀର୍ଘ ଅନଶନ ଚାଲିଥିବା ବୋଲି ସଂଗଠନ ପକ୍ଷରୁ କୁହାଯାଇଥିବାରୁ ସରକାର ଓ ଆନ୍ଦୋଳନକାରୀ ଦୁଇପକ୍ଷଙ୍କ ମଧ୍ୟରେ ତୁରନ୍ତ ଆଲୋଚନାର ଦ୍ୱାର ଖୋଲିବା ଆବଶ୍ୟକ।

ସେପ୍ଟେମ୍ବର ୨୨ରେ ପାଠ୍ୟପୁସ୍ତକ ପ୍ରସଙ୍ଗକୁ ନେଇ ବିଧାନସଭା ନିକଟରେ ପ୍ରତିବାଦ ସମୟରେ ପୁଲିସ ସହ ଧସ୍ତାଧସ୍ତି ହୋଇଥିବା ଏବଂ କିଛି ନେତାଙ୍କୁ ଅଟକ ରଖାଯାଇଥିବା ଖବର ମଧ୍ୟ ଆସିଥିଲା। ସେହି ସମୟରେ ଜଣେ ଶାସକଦଳୀୟ ବିଧାୟକ କହିଥିଲେ ଯେ ସରକାର ତ୍ରୁଟି ଉପରେ ପଦକ୍ଷେପ ନେଇଛନ୍ତି ଏବଂ ସଂଶୋଧିତ ପୁସ୍ତକ ବଣ୍ଟନ ହେଉଛି। ତେଣୁ ଏବେ ଆବଶ୍ୟକ ହେଉଛି ଦୁଇପକ୍ଷର ଦାବିକୁ ଯାଞ୍ଚଯୋଗ୍ୟ ତଥ୍ୟରେ ପରିଣତ କରିବା। ଆନ୍ଦୋଳନକାରୀ କହୁଥିବା ୧୬୭୮ ତ୍ରୁଟିର ସମ୍ପୂର୍ଣ୍ଣ ତାଲିକା ସାର୍ବଜନୀନ ହେଉ। ସରକାର କେଉଁ ତ୍ରୁଟି ସ୍ୱୀକାର କରୁଛନ୍ତି, କେତେଟି ସଂଶୋଧନ କରିଛନ୍ତି ଓ କେତେ ଛାତ୍ରଙ୍କୁ ନୂଆ ପୁସ୍ତକ ମିଳିଛି, ସେଥିର ଜିଲ୍ଲାଭିତ୍ତିକ ତଥ୍ୟ ଦିଅନ୍ତୁ। ତାହାହେଲେ ଓଡ଼ିଶାର ଅଭିଭାବକ ନିଜେ ବୁଝିପାରିବେ ସତ୍ୟ କେଉଁଠି। ଏହା ହେଉଛି ଦାୟିତ୍ୱଶୀଳ ଗଣତନ୍ତ୍ର। ବନ୍ଦ ଡାକି ଲୋକଙ୍କୁ ଭୟଭୀତ କରିବା ନୁହେଁ, ତଥ୍ୟ ଦେଇ ଲୋକଙ୍କୁ ସଚେତନ କରିବା ହେଉଛି ଗଣତାନ୍ତ୍ରିକ ଆନ୍ଦୋଳନର ଉଚ୍ଚତର ରୂପ। ଏହି ସମୟରେ ରାଜ୍ୟ ସରକାର ମଧ୍ୟ ନିଜକୁ ନିର୍ଦୋଷ ପ୍ରମାଣ କରିବା ପାଇଁ କେବଳ ରାଜନୈତିକ ବକ୍ତବ୍ୟ ଦେଲେ ଚଳିବ ନାହିଁ। ଶିକ୍ଷା ବିଭାଗର ତ୍ରୁଟିର ଦାୟିତ୍ୱ କେଉଁଠି, ତାହା ଖୋଜିବାକୁ ସ୍ୱାଧୀନ ଯାଞ୍ଚ କରାଯାଉ। ଯଦି ଅବହେଳା ପ୍ରମାଣିତ ହୁଏ, ଦାୟୀ ଅଧିକାରୀଙ୍କ ବିରୋଧରେ ନିୟମାନୁସାରେ କାର୍ଯ୍ୟ ହେଉ। ଯଦି ମନ୍ତ୍ରୀସ୍ତରର ଦାୟିତ୍ୱ ପ୍ରମାଣିତ ହୁଏ, ସାମ୍ବିଧାନିକ ଓ ରାଜନୈତିକ ପ୍ରକ୍ରିୟାରେ ତାହାର ଉତ୍ତର ମିଳୁ। କିନ୍ତୁ ଏହାର ନାମରେ ଓଡ଼ିଶାର ଜୀବନଚକ୍ରକୁ ବନ୍ଦ କରିଦେବା ନାଗରିକ ଅଧିକାରର ସମାଧାନ ନୁହେଁ। ଯେଉଁ ଆନ୍ଦୋଳନ ଛାତ୍ରଙ୍କ ଭବିଷ୍ୟତ ପାଇଁ, ସେହି ଆନ୍ଦୋଳନ ଛାତ୍ରଙ୍କ ପଢ଼ା, ପରୀକ୍ଷା, ଯାତାୟାତ ଓ ପରିବାରର ଜୀବନକୁ ବିପଦରେ ପକାଇବା ଉଚିତ ନୁହେଁ। ଯେଉଁ ଆନ୍ଦୋଳନ ଗରିବଙ୍କ ପାଇଁ, ସେହି ଆନ୍ଦୋଳନ ଦିନମଜୁରଙ୍କ ଦିନର ମଜୁରି ଛଡ଼ାଇବା ଉଚିତ ନୁହେଁ। ଯେଉଁ ଆନ୍ଦୋଳନ ନ୍ୟାୟ ପାଇଁ, ସେହି ଆନ୍ଦୋଳନ ଅନ୍ୟ ନିର୍ଦୋଷ ନାଗରିକଙ୍କ ଅଧିକାର କ୍ଷୁଣ୍ଣ କରିବା ଉଚିତ ନୁହେଁ। ତେଣୁ ସେପ୍ଟେମ୍ବର ୩୦ର ଆହ୍ୱାନକୁ ନେଇ ମୂଳ ପ୍ରଶ୍ନ ହେଉଛି—ଦାବି ଉଠାଇବାର ଅଧିକାର ଅଛି କି ? ନିଶ୍ଚୟ ଅଛି।

**ସୌଭାଗ୍ୟ ରଞ୍ଜନ ମହାନ୍ତି**
**ମୋବାଇଲ୍: ୯୪୩୭୯୯୪୩୭୯**

## ସୂଚନା

ସୃଜନଶୀଳ ପାଠକ, ଲେଖକ ଓ ଲେଖିକା ' ନିର୍ଭୟ ସୂଚନା'ର ସମ୍ପାଦକୀୟ ପୃଷ୍ଠା ପାଇଁ ଉପଯୁକ୍ତ ଲେଖା ପଠାଇବାକୁ ଅନୁରୋଧ । ଟାଇପ୍ ହୋଇଥିବା ଲେଖା କେବଳ ଗ୍ରହଣ କରାଯିବ । ସପ୍ତାହକ ମଧ୍ୟରେ ଲେଖାଟି ପ୍ରକାଶ ନପାଇଲେ ସମ୍ପାଦକମଣ୍ଡଳି ଦ୍ୱାରା ଏହା ଯୋଗ୍ୟ ବିବେଚିତ ହୋଇନାହିଁ ବୋଲି ଧରିନେବାକୁ ହେବ । ପ୍ରକାଶ ପାଇଥିବା ଲେଖାଟି ସମ୍ପୃକ୍ତ ଲେଖକ ଓ ଲେଖିକାଙ୍କ ନିକଟକୁ ହ୍ୱାଟସପ୍ ଯୋଗେ ଯୋଗାଇ ଦିଆଯିବ ।

ଇମେଲ - **nirbhaysuchana@gmail.com**ରେ ଲେଖା ପଠାଇବାକୁ ଅନୁରୋଧ ।

ସମ୍ପାଦକ 'ନିର୍ଭୟ ସୂଚନା'

# ଶ୍ରୀକ୍ଷେତ୍ର, ପଞ୍ଚତୀର୍ଥ ଓ ପିତୃପକ୍ଷ

ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ବ୍ୟକ୍ତ କରିବା ଏବଂ ପିତୃଋଣରୁ ମୁକ୍ତି ପାଇବାର ପର୍ବ ପିତୃପକ୍ଷ ଆରମ୍ଭ ହୋଇଯାଇଛି । କିନ୍ତୁ ପୂର୍ଣ୍ଣିମା ଦିନଠାରୁ ହିଁ ମହାଳୟା ଶ୍ରାଦ୍ଧକର୍ମ ଆରମ୍ଭ ହୋଇଛି । ଗତ ରବିବାର ଠାରୁ ଆରମ୍ଭ ହୋଇଛି ପିତୃପକ୍ଷ ଏହା ପନ୍ଦର ଦିନ ଅର୍ଥାତ୍ ମହାଳୟ ପର୍ଯ୍ୟନ୍ତ ଚାଲିବ। ବର୍ଷର ଯେ କୌଣସି ପୂର୍ଣ୍ଣମୀ ତିଥିରେ ଦେହାନ୍ତ ହୋଇଥିବା ପିତୃପୁରୁଷଙ୍କ ଶ୍ରାଦ୍ଧ ଭାଦ୍ରବ ମାସ ପୂର୍ଣ୍ଣମୀରେ ହିଁ କରାଯାଏ । କାରଣ ଆଶ୍ୱିନ ମାସ କୃଷ୍ଣପକ୍ଷରେ ପଡୁଥିବା ପିତୃପକ୍ଷରେ ପୂର୍ଣ୍ଣିମା ତିଥି ନଥାଏ । ତେବେ ଧର୍ମସିନ୍ଧୁର ସିଦ୍ଧାନ୍ତ ଅନୁଯାୟୀ ପିତୃପକ୍ଷର ପୂର୍ଣ୍ଣିମା ଶ୍ରାଦ୍ଧ ପିତୃ ବିସର୍ଜନୀ ଅମାବାସ୍ୟାରେ ମଧ୍ୟ କରାଯାଇପାରେ । ବିଦ୍ୱାନମାନଙ୍କ ମତରେ ପ୍ରତ୍ୟେକ ମଣିଷ ପାଇଁ ତିନିପ୍ରକାର ଋଣ ଥାଏ - ଦେବ, ଋଷି ଏବଂ ପିତୃ । ଏ ମଧ୍ୟରୁ ଶ୍ରଦ୍ଧା ଦ୍ୱାରା ପିତୃଋଣ ପରିଶୋଧ କରାଯାଏ । ଯେଉଁ ବ୍ୟକ୍ତିଙ୍କର ଯେଉଁ ତିଥିରେ ମୃତ୍ୟୁ ଘଟିଥିଲା ତାଙ୍କୁ ସେହି ତିଥିରେ ଶ୍ରାଦ୍ଧ ଦେବା ନିମନ୍ତେ ଶାସ୍ତ୍ରରେ ନିର୍ଦ୍ଦେଶ ରହିଛି ।

ଶ୍ରୀଜଗନ୍ନାଥଙ୍କ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ, ପୁଷ୍କରିଣୀ, ମହୋଦଧିରେ ତିଳ ତର୍ପଣ ଓ ପିଣ୍ଡଦାନ ହୋଇଥାଏ। ପିତୃପକ୍ଷର ପ୍ରଥମ ଦିନରେ ପଞ୍ଚତୀର୍ଥ କୁହାଯାଉଥିବା ତୀର୍ଥରାଜ ମହୋଦଧି, ଶ୍ୱେତଗଙ୍ଗା, ମାର୍କଣ୍ଡେୟ ପୁଷ୍କରିଣୀ, ଇନ୍ଦ୍ରଦ୍ୟୁମ୍ନ ସରୋବର ଓ ନରେନ୍ଦ୍ର ପୁଷ୍କରିଣୀରେ ସ୍ନାନ ପୂର୍ବକ ତିଳ ତର୍ପଣ ହୋଇଥାଏ। ମାର୍କଣ୍ଡେୟ ମନ୍ଦିର ଖ୍ରୀଷ୍ଟୀୟ ଏକାଦଶ ଶତାବ୍ଦୀର ମଧ୍ୟ ଭାଗରେ ଚୋଳଗଙ୍ଗ ଦେବ ନିର୍ମାଣ କରିଥିଲେ। ଗଙ୍ଗବଂଶର କୁଳପୁରୋହିତ ବାସୁଦେବ ରଥଙ୍କ ନାମରେ ରଥ ସାହି ଓ ମନ୍ଦିର ଠାରୁ ତୀର୍ଥ ପର୍ଯ୍ୟନ୍ତ ମାର୍କଣ୍ଡେଶ୍ୱର ସାହି ଗଙ୍ଗ ବଂଶ ସମୟରେ ପ୍ରତିଷ୍ଠିତ ହୋଇଥିଲା ଓ ବଡ଼ ବଡ଼ ମଠ ସ୍ଥାପିତ ହୋଇଥିଲା। 'ମାର୍କଣ୍ଡେୟ'ପୁରାଣ ଉଲ୍ଲେଖ ରହିଛି ସଂସାରର ମହାପ୍ରଳୟ ସମୟରେ ଭଗବାନ ବିଷ୍ଣୁ ବାଳମୁକୁନ୍ଦ ବିଗ୍ରହ ଧାରଣ କରି ଅକ୍ଷୟ ବଟଶାୟୀ ଅବସ୍ଥାରେ ଭାସମାନ ଥିଲେ ସେହି ସମୟରେ କଳ୍ପଜୀବୀ ମାର୍କଣ୍ଡେୟ ତାହାଙ୍କ ଦର୍ଶନ ଲାଭ କରି ଧନ୍ୟ ହେଲେ। ବାଳମୁକୁନ୍ଦରୂପୀ ଭଗବାନ ବିଷ୍ଣୁ ତାହାଙ୍କୁ ପୁରୁଷୋତ୍ତମ କ୍ଷେତ୍ରର ଇସାଣ କୋଣରେ ଚିରାୟୁଷ ହୋଇ ବାସ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୁରୀରେ ମାର୍କଣ୍ଡେୟ ସାହିରେ ବିଶାଳ ମାର୍କଣ୍ଡେଶ୍ୱର ମନ୍ଦିର ଓ ବେଢ଼ା ମଧ୍ୟରେ ବିଷ୍ଣୁଙ୍କ ଛୋଟ ମନ୍ଦିର ରହିଛି। ସେହିପରି ପୁରୀର ବାଲି ସାହି ଉଆଁସ ଦାଣ୍ଡର ମଧ୍ୟବର୍ତ୍ତୀ ସ୍ଥାନରେ ପବିତ୍ର ତୀର୍ଥ ଶ୍ୱେତଗଙ୍ଗା ଅବସ୍ଥିତ। ସେହି ପରମ ପବିତ୍ର ତୀର୍ଥର ଆବରଣରେ ଶ୍ୱେତମାଧବ, ମତ୍ସ୍ୟମାଧବ, ମୁକ୍ତିଶୀଳ, ଗଙ୍ଗାମାତା ମଠ ଓ ବାସୁଦେବ ସାର୍ବଭୌମ ଆଶ୍ରମ ପ୍ରତିଷ୍ଠିତ। ଏହି ଶ୍ୱେତଗଙ୍ଗାର ତଟ ଦେଶରେ ମୁକ୍ତିଶୀଳା ରହିଛି। ଏହାକୁ ଯଜ୍ଞବଟ ବା ବଟ ସାଗର ଭାବରେ ବିଭିନ୍ନ ପୁରାଣରେ ଉଲ୍ଲେଖ ରହିଛି। ଏଠାରେ ଚକ୍ରରୂପୀ ସୁଦର୍ଶନଙ୍କ ବିଗ୍ରହ ମଧ୍ୟ ରହିଛି।



ଏହି ଶ୍ୱେତଗଙ୍ଗାର ଜଳ ଗଙ୍ଗାଜଳ ପରି ପବିତ୍ର ବୋଲି ପୁରାଣରେ ମଧ୍ୟ ଉଲ୍ଲେଖ ରହିଛି। ଭାରତର ଦକ୍ଷିଣ ସମୁଦ୍ର ବଙ୍ଗୋପ ସାଗର ନାମରେ କଥିତ। ଏହାର ପ୍ରାଚୀନ ଶାସ୍ତ୍ରବିଧିର ନାମ ହେଉଛି ଦକ୍ଷିଣ ମହୋଦଧି। 'ବାମଦେବ ସଂହିତା'ରେ ଏହି ତୀର୍ଥରାଜ ମହୋଦଧି ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ପବିତ୍ରତମ ଜଳ ଭାଗକୁ ମହାଲକ୍ଷ୍ମୀଙ୍କ ପିତ୍ରାଳୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ଭଗବତୀ ଗଙ୍ଗାଠାରୁ କାବେରୀ 'ଉତ୍କଳ ଖଣ୍ଡ'ର ମହାନଦୀ ଠାରୁ ବୈତରଣୀ ପରି ସପ୍ତ ପବିତ୍ର ନଦୀର ସଙ୍ଗମ ଏହି ମହୋଦଧିରେ ହୋଇଛି। ଏଠାରେ ପିଣ୍ଡଦାନ କରି ସ୍ନାନ କଲେ ଏହା ସିନ୍ଧୁ ସ୍ନାନ ବୋଲି ଶାସ୍ତ୍ରରେ ଉଲ୍ଲେଖ ରହିଛି। ନରେନ୍ଦ୍ର ପୁଷ୍କରିଣୀ ହେଉଛି ଶ୍ରୀକ୍ଷେତ୍ରର ବୃହତ୍ତମ ତୀର୍ଥ କ୍ଷେତ୍ର। ଏହାର ଆକାର ପ୍ରାୟ ଏକ ବର୍ଗ କ୍ଷେତ୍ର, ଲମ୍ବ ୮୭୪ ଫୁଟ ଓ ଚଉଡା ୮୩୪ ଫୁଟ। ଏହାକୁ ମହାରାଜଙ୍କ ଜନୈକ କବି ନରସିଂହ ମନ୍ତ୍ରୀ ଥିବା ସମୟରେ ଏହି ପୁଷ୍କରିଣୀ ଖନନ ହୋଇଥିଲା ଯାହାର ଖନନ କାଳ ସମୟ ତ୍ରୟୋଦଶ ଶତାବ୍ଦୀ। ଏଠାରେ ପିଣ୍ଡଦାନ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ।

ପୁରାଣର କାହାଣୀ ଅନୁଯାୟୀ ମନୁସ୍ମୃତି ବ୍ରହ୍ମ ବୈବର୍ତ୍ତ ପୁରାଣ ଓ ଗରୁଡ଼ ପୁରାଣ ପରି ପ୍ରମୁଖ ଶାସ୍ତ୍ର ଅନୁଯାୟୀ ପରଲୋକଗତ ବ୍ୟକ୍ତିଙ୍କ ପରିବାରରେ ଜ୍ୟେଷ୍ଠପୁତ୍ର ବା କନିଷ୍ଠପୁତ୍ର ଶ୍ରାଦ୍ଧ ଦେଇପାରିବେ । ପୁତ୍ର ନଥିଲେ ଭଣଜା, ପୁତୁରା, ନାତି ବା ଶିଷ୍ୟ ତିଳତର୍ପଣ ଓ ପିଣ୍ଡ ଦାନ କରିପାରିବେ । ଏପରି ଅନେକ ବ୍ୟକ୍ତି ଯେଉଁମାନେ ସନ୍ତାନହୀନ ଥାଆନ୍ତି ସେପରି ପୂର୍ବଜଙ୍କ ପାଇଁ ଭାଇ, ଭଣଜା, ପୁତୁରା ବା ପରିବାରର ପୁରୁଷ ସଦସ୍ୟ ପିତୃପକ୍ଷରେ ବ୍ରତ ରଖି ପିଣ୍ଡଦାନ କରିପାରିବେ । ଧର୍ମସିନ୍ଧୁ ସମତେ ମନୁସ୍ମୃତି ବା ଗରୁଡ଼ ପୁରାଣରେ ମହିଳାମାନେ ପିଣ୍ଡ ଦାନ କରିପାରିବେ ବୋଲି କୁହାଯାଇଛି ମାତ୍ର ଏହା ଅନ୍ତିମ ବିକଳ୍ପ । ବିଧବା ପତ୍ନୀ ସନ୍ତାନହୀନ ଥିଲେ ପତିଙ୍କ ନାମରେ ଶ୍ରାଦ୍ଧ ସଂକଳ୍ପ ରଖି ବ୍ରାହ୍ମଣଙ୍କ ଦ୍ୱାରା ପିଣ୍ଡଦାନ କରାଇପାରିବେ ସେମିତି ଯେଉଁ ପୂର୍ବଜଙ୍କ ବଂଶରେ କେବଳ ଝିଅ ଅଛନ୍ତି ସେମାନେ ମଧ୍ୟ ସଂକଳ୍ପ କରି ବ୍ରାହ୍ମଣ ଦ୍ୱାରା ପିଣ୍ଡଦାନ କରାଇପାରିବେ ।

ଧର୍ମଶାସ୍ତ୍ରରେ କୁହାଯାଇଛି, ପିତୃପୁରୁଷଙ୍କୁ ପିଣ୍ଡଦାନ କରୁଥିବା ପୁରୁଷ ଦୀର୍ଘାୟୁ ହେବା ସହ ସନ୍ତାନ, ଯଶ, ଶାନ୍ତି, ବଳ, ଲକ୍ଷ୍ମୀ, ଗୋଧନ ଆଦି ପ୍ରାପ୍ତି କରନ୍ତି । ପିତୃପୁରୁଷଙ୍କ ଆଶାଥାଏ ଆମର ପୁଅ ନାତି ଆମକୁ ପିଣ୍ଡଦାନ କରି ସନ୍ତୁଷ୍ଟ କରିବେ । ଏହି ଆଶାରେ ସେମାନେ ପିତୃଲୋକରୁ ପୃଥିବୀଲୋକକୁ ଆସନ୍ତି । ତେଣୁ ପ୍ରତ୍ୟେକ ହିନ୍ଦୁ ଗୃହସ୍ଥ ପିତୃପକ୍ଷରେ ଶ୍ରାଦ୍ଧ କରନ୍ତି । ପ୍ରତ୍ୟେକ ଧର୍ମର ଆଧାର ଶ୍ରଦ୍ଧା । ପ୍ରତି ଧର୍ମରେ ପିତୃପୁରୁଷଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧାକୁ ଗୁରୁତ୍ୱ ଦିଆଯାଏ । ସନାତନ ଧର୍ମରେ ଶ୍ରଦ୍ଧା ପ୍ରକଟ କରିବାର ଧାର୍ମିକ କର୍ମ ଶ୍ରାଦ୍ଧ । ଶ୍ରାଦ୍ଧକୁ ପିତୃଯଜ୍ଞ ମଧ୍ୟ କୁହାଯାଏ । ଶାସ୍ତ୍ରରେ ଆଶ୍ୱୀନ ମାସ ପ୍ରତିପଦା ଠାରୁ ଆରମ୍ଭ କରି ଅମାବାସ୍ୟା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ଦିନରେ ପିଣ୍ଡଦାନ କରିବାର ଭିନ୍ନ ଭିନ୍ନ ଫଳ ମିଳିଥାଏ। ଏହାକୁ ମହାଳୟା ଶ୍ରାଦ୍ଧ ମଧ୍ୟ କୁହାଯାଏ । 'ମହ'ର ଅର୍ଥ ଉତ୍ସବର ଦିନ ଏବଂ 'ଆଳୟ'ର ଅର୍ଥ ନିବାସ, ଅର୍ଥାତ କୃଷ୍ଣପକ୍ଷ ହିଁ ପୂର୍ବଜଙ୍କ ନିବାସ । ତେଣୁ ସେମାନଙ୍କ ତୃପ୍ତି ପାଇଁ ଶ୍ରାଦ୍ଧ କରାଯାଏ ।

ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତେଲ, କୁଶ ତଥା ଜଳ ଅର୍ପଣ ସହ ଦାନ ଧର୍ମକୁ ପୁରାଣ କଥାରେ ଶ୍ରାଦ୍ଧ କୁହାଯାଏ । କଥା ହେଉଛି ପିତୃପୁରୁଷଙ୍କ ପ୍ରତି ଶ୍ରଦ୍ଧା ହିଁ ଶ୍ରାଦ୍ଧର ମୁଖ୍ୟଭାବ। ଅର୍ଥାତ୍ ଶ୍ରାଦ୍ଧ ହେଉଛି ନିଜ ପୂର୍ବପୁରୁଷଙ୍କ ପ୍ରତି ଶ୍ରଦ୍ଧା ସୃଷ୍ଟି କରିବା । ଏହି ପିତୃପକ୍ଷ ସମୟରେ କୌଣସି ମାଙ୍ଗଳିକ କାର୍ଯ୍ୟର ବିଧାନ ନଥାଏ । ଏପରିକି ଏହି ସମୟରେ ନୂଆ ଆସବାସ ପତ୍ର ସହ କୌଣସି ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କିଣନ୍ତି ନାହିଁ । ଲୋକବିଶ୍ୱାସ ରହିଛି ଯେ ଏହା ହେଉଛି ଏକ ଶୋକର ସମୟ ବା ଅଶୁଭ ସମୟ । କିନ୍ତୁ ବିଦ୍ୱାନ ମାନଙ୍କ ମତ ଭିନ୍ନ । ସେମାନଙ୍କ କହିବା ଅନୁଯାୟୀ ପିତୃପକ୍ଷରେ ଅନ୍ୟ ଶୁଭ ଦିନ ପରି ସବୁ କାମ କରିହେବ ବରଂ ପିତୃପକ୍ଷରେ ନିଜର ପରଲୋକଗତ ବଂଶଜଙ୍କ ଦିବ୍ୟାଶୀର୍ବାଦ ରହୁଥିବାରୁ ଏହି ଦିନ ଅନ୍ୟ ଦିନ ତୁଳନାରେ ଅଧିକ ଶୁଭ । ଶାସ୍ତ୍ର ବିଧାନକୁ ଉଲ୍ଲେଖ କରି ସେମାନେ କୁହନ୍ତି ଯେ ଯଦି ସଠିକ୍ ଭାବରେ ଅର୍ପଣ, ତର୍ପଣ ସହ ପୂଜା ନୈବେଦ୍ୟ ସମର୍ପିତ ହୋଇଥାଏ ତେବେ ଏହାର ଫଳ ମିଳିଥାଏ । ଶ୍ରାଦ୍ଧର ମହତ୍ତ୍ୱକୁ ବୁଝିବା ପାଇଁ ଆମ୍ଭମାନଙ୍କୁ ଭାରତୀୟ ଉତ୍ସବର ପ୍ରାଚୀନ ପରମ୍ପରାକୁ ବୁଝିବାକୁ ହୋଇଥାଏ ।

ଶ୍ରାଦ୍ଧ ପାଇଁ ଆମ ସାମାଜିକ ଜନଜୀବନର ଏକ ଉତ୍ସବ ଶୃଙ୍ଖଳା ଭାବେ ଏହାକୁ ବିଚାର କରାଯାଏ । ଦେବଶୟନୀ ଏକାଦଶୀରୁ ଆରମ୍ଭ ହୋଇଥିବା ଭାରତୀୟ ମନିଷୀମାନଙ୍କ ପ୍ରଣୀତ ଏହି ଶୃଙ୍ଖଳର ଉତ୍ସବ। ଯାହାକି ଶେଷ ହୁଏ ଦେବପ୍ରମୋଦିନୀ ଏକାଦଶୀରେ । ଏହି ଚାରିମାସକୁ ନିଷ୍ଠା, ପବିତ୍ରତା, ସଂକଳ୍ପ ଓ ଭକ୍ତିର ଉତ୍ସବର ଦିବ୍ୟ ମୁହୂର୍ତ୍ତ ଭାବେ ବିଚାର କରାଯାଏ । ବର୍ଷାର ଏହି ଚାରିମାସକୁ ଚର୍ତୁମାସ କୁହାଯାଇଥାଏ । ଏହି ସମୟରେ ଚାଷବାସ ହୋଇନଥାଏ, ଉତ୍ସବର ମୁହୂର୍ତ୍ତ ହୋଇଥିବାରୁ ସବୁ କାମ ବନ୍ଦ ହୋଇଥାଏ । ଏହି ପୂଜାରେ ସର୍ବପ୍ରଥମେ ଗଣେଶଙ୍କୁ ଆବାହନ କରାଯାଏ । ଯାହାକି ଏହି ଉତ୍ସବର ଦ୍ୱିତୀୟ ପର୍ବରେ ଗଣେଶ ପୂଜା ପଡ଼ିଥାଏ । ଗଣେଶଙ୍କ ପରେ ଯଜ୍ଞରେ ପିତୃପୁରୁଷଙ୍କୁ ଆବାହାନ କରାଯାଏ ଏହାପରେ ପଡ଼ିଥାଏ ପିତୃପକ୍ଷ । ବିଚାର କରାଯାଏ ପିତୃପକ୍ଷରେ ନିଜ ପୂର୍ବଜଙ୍କ ସ୍ମରଣ କରାଯାଉଥିବାରୁ ତେଣୁ ଦୁଖାବିବୃତ୍ତ ମୁହୂର୍ତ୍ତ ଓ ତାଙ୍କ ଅନୁପସ୍ଥିତି ପାଇଁ କୌଣସି ଶୁଭକାର୍ଯ୍ୟ କରାଯାଏ ନାହିଁ । ଆଉ ଯେଉଁମାନେ ପୂର୍ବଜଙ୍କୁ ସଂପୂର୍ଣ୍ଣ ଶ୍ରଦ୍ଧାର ସହ ପବିତ୍ର ଓ ସମର୍ପିତ ହୃଦୟରେ ପିଣ୍ଡ ପ୍ରଦାନ କରିଥାନ୍ତି ବା ଶ୍ରାଦ୍ଧ, ତର୍ପଣ ଓ ଧାନଧର୍ମ କରିଥାନ୍ତି ସେମାନଙ୍କ ସହିତ ପିତୃପୁରୁଷଙ୍କ ଆଶୀର୍ବାଦ ରହିଥାଏ ।

କଟକ
ମୋ : ୯୪୩୭୦୫୧୯୫୭

# କେଏମସିର ସ୍ୱଚ୍ଛ ଅଭିଯାନ ଅସ୍ୱଚ୍ଛ !

ବିଜୟ କୁମାର ପୁଷ୍ଟି

ସ୍ୱଚ୍ଛ ଭାରତ ଅଭିଯାନ ଅନେକ ବର୍ଷ ତଳୁ ଆରମ୍ଭ ହେଲାଣି। ଦେଶରୁ ଅଳିଆ ଆବର୍ଜନା, ମଇଳା ଉଠାଇ ଏକ ସଫା ସୁତୁରା ପରିବେଶ ତିଆରି କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉଦ୍ୟମଟି କେତେ ସଫଳ ଆଉ କେତେ ବିଫଳ ତାହା ଭାତ ହାଣ୍ଡିରୁ ଗୋଟିଏ ପରି କଟକ ମୁନସିପାଲଟି କର୍ପୋରେସନ ଅନ୍ତର୍ଗତ ମର୍କତ ନଗରକୁ ଗୋଟିଏ ପ୍ରମାଣ ଭାବେ ନିଆଯାଉ। କହିବାକୁଗଲେ ଭାରତର ଏହି ବହୁଳ ପ୍ରଚାରିତ 'ସ୍ୱଚ୍ଛ ଅଭିଯାନରେ କେଏମସି ବହୁ ପଛରେ ପଡ଼ିଯାଇଛି। ନୂଆ କଟକ ଭାବେ ମର୍କତ ନଗର ଏକ ଅଭିବୃଦ୍ଧି ସମ୍ପନ୍ନ ଓ ବିକଶିତ ଅଞ୍ଚଳ। ଦିନକୁ ଦୁଇଥର ତ ଛାଡ଼ନ୍ତୁ ମର୍କତ ନଗରର ଅନେକ ଅଞ୍ଚଳ ଦିନକୁ ଥରେ ମଧ୍ୟ ସଫେଇ ହେଉନାହିଁ। ସରକାରୀ ଅର୍ଥ ଯାହା ଶ୍ରାଦ୍ଧ ହେଉଛି ସିନା କିନ୍ତୁ ମର୍କତନଗରବାସୀ ମଇଳା ଓ ଆବର୍ଜନା ପରିବେଶରେ ରହିବା ପାଇଁ ଏକ ପ୍ରକାର ବାଧ୍ୟ। ଗୋଟିଏ ଉଦାହରଣ ରଖୁଛୁ ସେକ୍ଟର ଛଅ ମାର୍କେଟ ଛକରୁ ସେକ୍ଟର ନଅ, ସେକ୍ଟର ଆଠ ଏବଂ ପରିବାର ମାର୍କେଟ ପରେ ରିଂ ରୋଡ଼କୁ ସଂଯୋଗ କରୁଥିବା ଲମ୍ବା ରାସ୍ତା ଯେଉଁ ରାସ୍ତରେ ପ୍ରତିଦିନ ବସ ଟ୍ରକ ଏବଂ ଲୋକ ଚଳାଚଳ ସହ, ସହରର ଏକ ପ୍ରମୁଖ ରାସ୍ତା କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ରାସ୍ତାକୁ ଛୁଇଁଛି ଇଲେକ୍ଟ୍ରିକ ଅଫିସ ଯାହାର ନିକଟରେ କେଏମସିର ଅଳିଆ ଆବର୍ଜନା ଛୋଟିଆ ପାହାଡ଼ଟି ରହିଛି। କାରଣ କମ୍ପୋଷ୍ଟ ପ୍ରୋଜେକ୍ଟ ସରକାରଙ୍କର ଏକ ପ୍ରକାର ଦିଗହରା। ଯାହାର ଉଦାହରଣ ସତୀଚଉରା ପାଖରେ ଥିବା ଆବର୍ଜନା ବିଶୋଧନ କେନ୍ଦ୍ରକୁ ପ୍ରମାଣ ଭାବେ ନିଆଯାଇ ପାରେ।

କେଡ଼ିଏର ଏହି ଅଞ୍ଚଳରେ ଅନେକ ପ୍ରଭାବଶାଳୀ ଓ ସମାଜରେ ପ୍ରତିଷ୍ଠିତ ବ୍ୟକ୍ତିବର୍ଗ ଓ ଅନୁଷ୍ଠାନ ସବୁ ରହିଛି। ଏହି ବାଟ ଦେଇ ମେୟରଙ୍କ ଠାରୁ କଲେକ୍ଟର, ସାଂସଦଙ୍କ ଠାରୁ ବିଧାୟିକା ଅନେକ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ନିୟମିତ ଯିବା ଆସିବା କରନ୍ତି। କିନ୍ତୁ ଏତେ ଅପରିଷ୍କାର ଓ ଆବର୍ଜନା ସତ୍ତ୍ୱେ ସମ୍ଭବତଃ ତାଙ୍କୁ ଏହା ଦିଶୁ ନଥାଇପାରେ! ଏପରି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗକୁ ନେଇ କେଡ଼ିଏ ବାସିନ୍ଦା, ବୁଦ୍ଧିଜୀବୀ ବର୍ଗ ଅନେକ ଥର ଉଚ୍ଚଅଧିକାରୀଙ୍କୁ ଜଣାଉଥିଲେ ମଧ୍ୟ ଆବର୍ଜନାର ସ୍ତୁପ ବଢୁଥିଲେ ମଧ୍ୟ ଏହାର କୌଣସି ନିରାକରଣ ହୋଇପାରୁନାହିଁ। ମଝିରେ ଯେଉଁ ଲଗାଣ ବର୍ଷା ହେଲା ପ୍ରଥମତଃ ଆବର୍ଜନା ସଂଗ୍ରହ କରୁଥିବା ଗାଡ଼ି ଲୋକଙ୍କ ଘରୁ ଆବର୍ଜନା ନେବା ପାଇଁ ଆସିଲେ ନାହିଁ କିନ୍ତୁ ସ୍ତୁପରେ ପାଣି ପଶି ଏହା ଏପରି ପରିସ୍ଥିତି ସୃଷ୍ଟିକଲା ଯେ ରାସ୍ତାରେ ଅଳିଆ ଆବର୍ଜନା ପାଣିରେ ମିଶି ଡ୍ରେନ ଗୁଡ଼ିକୁ ଅବରୋଧ କଲେ ଯାହାର ପରିଣତିସ୍ୱରୂପ ମୁଖ୍ୟ ଡ୍ରେନକୁ ଆଉ ଉଦବୃତ ଆବର୍ଜନା ପାଣି ଯାଇପାରିଲା ନାହିଁ। ଫଳସ୍ୱରୂପ ମର୍କତ ନଗରର ଅନେକ ଅଞ୍ଚଳରେ ତଳମହଲାରେ ଥିବା ଲୋକଙ୍କ ଘରେ ପାଣି ପଶିଗଲା। ମର୍କତ ନଗରର ବିଭିନ୍ନ ଡ୍ରେନ ଏକ ପ୍ରକାର ବୁଡ଼ି ଯିବାରୁ ପାଦଚଲା ଲୋକ ଓ ଗାଡ଼ି ଚାଳକ ଜାଣି ନପାରି ଅନେକ ଛୋଟ ବଡ଼ ଦୁର୍ଘଟଣା ହେଲା, ଲୋକ ଖଣ୍ଡିଆଖାବରା ହେଲେ।

ସେହିପରି ମର୍କତ ନଗରର ଏହି ରାସ୍ତାକୁ ଲାଗି ବଡ଼ ପରିବା ମାର୍କେଟ ରହିଥିବାରୁ ଓ ଆମିଷ ବିକ୍ରି ଦୋକାନର ବଡ଼ ବଜାର ଏହିଠାରେ ଥିବାରୁ ଫୋପଡ଼ା ପରିବା ଓ ଆମିଷର ବିକ୍ଷିପ୍ତ ଅଂଶ ଗୁଡ଼ିକ ଖାଇବା ପାଇଁ କୁକୁର, ବିଭିନ୍ନ ପକ୍ଷୀ ଓ ଗୋରୁଗାଈଙ୍କ ଏହିଠାରେ ଏକ ପ୍ରକାର ମେଳଣ ହୋଇଯାଏ। ଏହାର ପରିଣତି ସ୍ୱରୂପ ଲୋକେମାନେ ପ୍ରଥମତଃ ସ୍ୱାସ୍ଥ୍ୟ ସମସ୍ୟାକୁ ସାମ୍ନା କରନ୍ତି ଦ୍ୱିତୀୟତଃ ଷଣ୍ଢ ଲଢ଼େଇର ଶିକାର ହୋଇ ନିଜେ ବିପଦରେ ପଡ଼ନ୍ତି। ଅନେକ ଡ୍ରେନରେ ତାର ଜାଲି ପଡ଼ି ନଥିବାରୁ ମଣିଷଙ୍କ ଠାରୁ ଗୋରୁଗାଈଙ୍କ ପର୍ଯ୍ୟନ୍ତ ଖଣ୍ଡିଆଖାବରା ହୁଅନ୍ତି ସିନା ପ୍ରଶାସନ କିନ୍ତୁ ନିଦା ବିଷ୍ଣୁ।

ହଜାର ବର୍ଷର ପରିଚୟକୁ ନେଇ କଟକ ସହରର ପରିଚିତ। ମର୍କତ ନଗର ହେଉଛି ଏହି ସହରର ଏକ ଅନ୍ୟତମ ପ୍ରମୁଖ ଅଞ୍ଚଳ। ସହରର କେବଳ ନୁହଁ ରାଜ୍ୟର ଅନେକ ପ୍ରତିଷ୍ଠିତ ଓ ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷ ଏଠାରେ ଅବସ୍ଥାନ କରନ୍ତି। ଅନେକ ନାମୀଦାମୀ ଶିକ୍ଷାନୁଷ୍ଠାନ ଠାରୁ ହସ୍ପିଟାଲ, ମନ୍ଦିର ଠାରୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ରହିଛି। ଏହି ଅଞ୍ଚଳ ସରକାରଙ୍କ ରାଜସ୍ୱ ମଧ୍ୟ ବଢ଼ାଉଛି। ମର୍କତ ନଗରର ଦୁଇପଟେ ରାଜ୍ୟର ସ୍ରୋତସ୍ୱିନୀ ନଦୀ ରହିଛି।

କିନ୍ତୁ ବିକାଶ କିପରି ଅଳିଆ ଆବର୍ଜନା ପରି ପୂତ ଗନ୍ଧମୟ ତାହା ଏହି ଆବର୍ଜନାରୁ ବଡ଼ ପ୍ରମାଣ ଭାବରେ ଦେଖାଯାଏ। ବର୍ତ୍ତମାନ ପାର୍ବଣ ଋତୁ ଚାଲିଛି ଆଗକୁ ଦଶହରା ତା ପଛକୁ ବାଲିଯାତ୍ରା ଏହିପରି ପରକୁ ପର ହୋଇ ଅନେକ ଛୋଟବଡ଼ ସ୍ଥାନୀୟ ପୂଜା ଓ ମେଳାମହୋତ୍ସବ ମଧ୍ୟ ରହିଛି। ପ୍ରଶାସନ ଟିକିଏ ନଜର ଦିଅନ୍ତୁ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଏବଂ ଲୋକଙ୍କ ସରକାର ରହିଛନ୍ତି ବୋଲି ସରକାର ବଡ଼ ଗର୍ବର ସହିତ ଘୋଷଣା କରୁଛନ୍ତି। ଓଡ଼ିଶାର ପ୍ରଗତିର ଚିତ୍ର ଏହି ମର୍କତ ନଗରର ଆବର୍ଜନା ସମସ୍ୟାକୁ ନେଇ ଅନେକ ସମାଲୋଚନା ଓ ପ୍ରତିବାଦ ବିଭିନ୍ନ ଗଣମାଧ୍ୟମର ପ୍ରମୁଖ ଧ୍ୟାନ ଆକର୍ଷଣକାରୀ ଖବରଟି କେବେ ପ୍ରଶାସନର ନଜରକୁ ଆସିବ ସେହି ଅପେକ୍ଷାରେ ଆମେ!!

କଟକ
ଦୂରଭାଷ : ୯୮୬୧୪୬୪୯୩୨

**ବିଶ୍ୱ ହୃଦୟ ଦିବସ ଉପଲକ୍ଷେ**

# ହାର୍ଟ ଆଟାକ ପୂର୍ବ ସଙ୍କେତ ଓ ଉପଚାର

ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର

ବର୍ଷାଦିନ ସତ୍ତ୍ୱେ ଅନେକ ଏହି ସମୟରେ ହୃଦରୋଗ ସମସ୍ୟାକୁ ସାମ୍ନା କରିଥାନ୍ତି। ସେମିତି କହିବାକୁଗଲେ ହୃଦରୋଗ କୌଣସି ଋତୁ, ସମୟ ବା ପରିସ୍ଥିତିକୁ ଅପେକ୍ଷା କରିନଥାଏ। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କୁହାଯାଉଥିବା ଆପଣଙ୍କ ହୃଦୟକୁ ଆପଣ ନିଶ୍ଚିନ୍ତ ଭଲ ପାଉଥିବେ ଆଉ ଯତ୍ନ ନେଉଥିବେ ବୋଲି ମୁଁ ଜାଣିଛି। ତେବେ ଆମ୍ଭ ମାନଙ୍କ ଭିତରେ ଦିନକୁ ଦିନ ସଚେତନତା ବଢୁଥିଲେ ମଧ୍ୟ ଅନିୟମିତ ଦିନଚର୍ଯ୍ୟା ଓ ଭୁଲ ଖାଦ୍ୟପେୟ ହିଁ ହୃଦରୋଗ ଆଶଙ୍କାକୁ ବଢ଼ାଇ ଦେଇଛି। ପୂର୍ବରୁ ୫୦ ବର୍ଷ ଟପିଲେ ଲୋକଙ୍କୁ ହୃଦ ସମସ୍ୟା ଦେଖାଦେଉଥିଲା କିନ୍ତୁ ଏବେ ଅଳ୍ପ ବୟସରୁ ଲୋକେ ହାର୍ଟ ଆଟାକର ଶିକାର ହେଉଛନ୍ତି। ହେଲେ ହାର୍ଟ ଆଟାକ ଆସିବା ପୂର୍ବରୁ କିଛି ଲକ୍ଷଣ ଦେଖାଦେଇଥାଏ। ଏହି ଲକ୍ଷଣକୁ ଆଦୌ ଅଣଦେଖା କରନ୍ତୁ ନାହିଁ। ଏହିସବୁ ଲକ୍ଷଣ ଦେଖାଦେବା କ୍ଷଣି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ଓ ଉପଚାର କରିବା ଦ୍ୱାରା ଆପଣ ସୁସ୍ଥ ଜୀବନ ବ୍ୟତୀତ କରିବେ। ଆସନ୍ତୁ ଜାଣିବା ହାର୍ଟ ଆଟାକ ପୂର୍ବ ସଙ୍କେତ କ'ଣ ସବୁ ରହିଛି।

ଛାତିରେ ଯନ୍ତ୍ରଣା : ଯଦି ଆପଣଙ୍କ ଛାତିରେ ଖୁବ ଜୋରରେ ଯନ୍ତ୍ରଣା ହେଉଛି। ଶରୀର ଭାରି ଅନୁଭବ କରୁଛନ୍ତି। ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରୁଛନ୍ତି ତେବେ ଏହା ହୃଦୟ ସମ୍ବନ୍ଧୀୟ ସମସ୍ୟା। ଆପଣ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

ବ୍ଲୋଟିଂ : ଯଦି ବିନା କାରଣରେ ଆପଣଙ୍କୁ ଅସହଜ ଲାଗୁଛି କିମ୍ବା ଅଇ ଲାଗୁଛି ତେବେ ମଧ୍ୟ ଏହା ହାର୍ଟ ଆଟାକର ସଙ୍କେତ। ଏହି ସମସ୍ୟା ସବୁ ଦେଖାଦେଲେ ଇଗ୍ନୋର କରନ୍ତୁ ନାହିଁ ସାବଧାନ ହୋଇଯାଆନ୍ତୁ।

ପେଟ ସମ୍ବନ୍ଧୀୟ ସମସ୍ୟା : ହୃଦ ସମ୍ବନ୍ଧୀୟ ରୋଗର ମୁଖ୍ୟ ସଙ୍କେତ ହେଉଛି ପାଚନ ସମ୍ବନ୍ଧୀୟ ସମସ୍ୟା ବଢ଼ିଯିବ। ଯଦି ଆପଣ ଖାଇସାରିବା ପରେ ବଦହଜମୀ ଭଳି ସମସ୍ୟା ଦେଖାଦେଉଛି ଏବଂ ଛାତିରେ ଅସହଜ ଅନୁଭବ କରୁଛନ୍ତି ତେବେ ଏହାକ ହୃଦରୋଗର ସଙ୍କେତ ଭାବେ ଗ୍ରହଣ କରାଯାଇପାରେ। ଏହି ସମସ୍ତ ସମସ୍ୟାକୁ ଅଣଦେଖା କରନ୍ତୁ ନାହିଁ।

ଗୋଡ଼ ଫୁଲିବା : ରିପୋର୍ଟ ଅନୁସାରେ ହଠାତ୍ ପାଦ ଫୁଲିବା ହାର୍ଟ ସମସ୍ୟାର ସଙ୍କେତ। ଯେତେବେଳେ ହାର୍ଟ ଭଲ ଭାବରେ ଫଙ୍କସନ କରିପାରେ ନାହିଁ ସେତେବେଳେ ପାଦ ଫୁଲିଥାଏ।

ଥକ୍କା ଅନୁଭବ କରିବା : ହୃଦୟ ସମସ୍ୟା ଦେଖାଦେଲେ ଶରୀରର କିଛି ଅଂଶକୁ ରକ୍ତ ପ୍ରବାହିତ ଠିକ ଭାବରେ ହୋଇପାରେ ନାହିଁ। ଯେଉଁଥିପାଇଁ ନିଶ୍ୱାସ ନେବାରେ କଷ୍ଟ ଅନୁଭବ ହୋଇଥାଏ। ଯଦି ଆପଣ କୌଣସି କାମ ନକରି ଥକ୍କା ଅନୁଭବ କରୁଛନ୍ତି ତେବେ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ।

କିପରି ରକ୍ଷା ପାଇବେ : ହାର୍ଟ ସମ୍ବନ୍ଧୀୟ ସମସ୍ୟାରୁ ରକ୍ଷା ପାଇବା ପାଇଁ ଡାଏଟ ଉପରେ ଧ୍ୟାନ ଦିଅନ୍ତୁ। ସ୍ମୋକିଂ ଓ ଡ୍ରିଙ୍କିଂରୁ ଦୂରେଇ ରୁହନ୍ତୁ। କ୍ଷୀର ଚା ପିଅନ୍ତୁ ନାହିଁ, ସବୁଜ ପନିପରିବା ଖାଆନ୍ତୁ। ଗଜାବୁଟ ଓ ମୁଗ ଖାଆନ୍ତୁ ନିୟମିତ ବ୍ରିଦିଂ ଏକ୍ସରସାଇଜ କରନ୍ତୁ। ବ୍ରିକ୍ସ ୱାକ କରନ୍ତୁ। ପ୍ରଚୁର ପାଣି ପିଅନ୍ତୁ। ଫଳରସ ଓ ପଇଡ଼ ପାଣି ସେବନ କରନ୍ତୁ।

ଆପଣ, ଆପଣଙ୍କ ହୃଦୟ କଥା ଚିନ୍ତା କଲେ ସେ ମଧ୍ୟ ଆପଣଙ୍କ କଥା ନିଶ୍ଚିନ୍ତ ଚିନ୍ତା କରିବ। ଧାଁ ଧଉଡ଼ ଜୀବନ, ତୀବ୍ର କର୍ମବ୍ୟସ୍ତତା, ସମୟ ନିଅଣ୍ଟ ପଡୁଛି, ଫୁରସତ୍ ହିଁ ମିଳୁନି ଏପରି ଭାବନା ସବୁ ଆଦୌ ରଖନ୍ତୁ ନାହିଁ। କାରଣ ହୃଦୟର ଜଟିଳତା କିଛି ସେକେଣ୍ଡ ଭିତରେ ଅନେକ କିଛି ଅଘଟଣ ବା ଦୁଃଖଦ ପରିସ୍ଥିତି ଭିତରକୁ ଠେଲି ଦେଇଥାଏ। ତେଣୁ ହୃଦୟକୁ ନେଇ ଆପଣଙ୍କର କୌଣସି ସାମାନ୍ୟତମ ସମସ୍ୟା ଦେଖାଦେଲେ ଆପଣ ତୁରନ୍ତ ହୃଦରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଅତ୍ୟନ୍ତ ଜରୁରୀ। ଅନେକ କ୍ଷେତ୍ରରେ ଏହାକୁ ହୃଦରୋଗ ବା ହୃଦଜନିତ ସମସ୍ୟା ନଭାବି ମାମୁଲି ଭାବରେ ଅଣଦେଖା କେହି କେହି କରିଦେଇଥାନ୍ତି ଯାହାକି ପରବର୍ତ୍ତୀ ସମୟରେ ଅତ୍ୟନ୍ତ ବିପଦଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ସମସ୍ୟା ସମୟରେ ଦେଶୀୟ ଚିକିତ୍ସା ବା ଟୁଣୁକାଟୁଣୁକି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ଏକ ନିରୋଗ, ସୁସ୍ଥପ୍ରଦ ଜୀବନ ପାଇଁ ଆପଣ ଏକ ଭଲ ରୁଟିନଟି ତିଆରି କରନ୍ତୁ। ହୃଦୟର ସୁରକ୍ଷା ପାଇଁ ସେପରି କିଛି ବଡ଼ ବା ଜରୁରୀ ରୁଟିନ ଦରକାର ପଡ଼ିନଥାଏ। ନିର୍ଦ୍ଧାରିତ ସମୟରେ ଖାଦ୍ୟ ଗ୍ରହଣ କରନ୍ତୁ, ବିଶ୍ରାମ ନିଅନ୍ତୁ, ଖାଦ୍ୟ ତାଲିକାରେ ସୁଷମ ଖାଦ୍ୟ, ଆମିଷ ଖାଦ୍ୟ, ତଟକା ପନିପରିବା, ଫଳରସ, ଶାଗ ଏସବୁକୁ ରଖନ୍ତୁ ଆଉ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ନିଜକୁ ଦୂରେଇ ରଖନ୍ତୁ। ନିଜକୁ ସବୁବେଳେ ପ୍ରଫୁଲ୍ଲିତ ରଖିବା ସହ ସକରାତ୍ମକ ଚିନ୍ତାଧାରା ଭିତରେ ନିଜକୁ ଅତିବାହିତ କରନ୍ତୁ। ପରିବାରବର୍ଗ, ଆଖପାଖର ଆତ୍ମୀୟସ୍ୱଜନ, ଅଫିସର ବନ୍ଧୁ ପରିଜନ ଏମାନଙ୍କ ସହ ଏକ ଭଲ ଭାବନାର ଚିନ୍ତନ ରଖି ସମୟ ଅତିବାହିତ କରନ୍ତୁ। ଦେଖିବେ ହୃଦୟ ଆପଣଙ୍କୁ କେବେ ଅଧା ରାସ୍ତାରେ ହାତ ଛାଡ଼ିବ ନାହିଁ। ସେ ସବୁ ଦିନ ଆପଣଙ୍କ ହାତ ଧରି ନିଶ୍ଚିନ୍ତ ଚାଲୁଥିବ....।

**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋ : ୯୪୩୭୨୭୭୮୬୪**

